# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

ପାୱାର୍ ପଲିଟିକ୍ସ

ବହି ଲେଖିଲେଣି ନବଜ୍ୟୋତି

ଜନନାୟକ ଜାନକୀ

'ଘାସଫୁଲ'କୁ ପାରିବ କି 'ପଦ୍ମଫୁଲ'

ବିଜେପିର 'ବିଜୁ' ଫର୍ମୁଲା

କୋରେଇ ସଜାଡୁଛନ୍ତି ବବି


ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-7 05 JANUARY-11 JANUARY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୭ ୦୫ ଜାନୁଆରୀ-୧୧ ଜାନୁଆରୀ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର






# ଟିକସ ଡାହାଣୀ

ଆମ ପିଲାବେଳ, ମାନେ ଆଜକୁ ପ୍ରାୟ ପଚାଶ ଷାଠିଏ ବର୍ଷ ତଳର କଥା । ଚାଷ ପାଇଁ ଗାଁ ସାହୁକାର ବା ମହାଜନଙ୍କଠୁ ଚାଷୀଟେ ଟଙ୍କା ଧାର ଆଣେ । ଧାନ କି ଫସଲ ବିକିଲେ ଶୁଝିବ ବୋଲି କହେ । ଚାଷୀମାନେ ନାନା ଦହଗଞ୍ଜ ଓ ଶୋଷଣର ଶିକାର ହେଉଥିଲେ । ସେପଟେ ସାହୁକାର କି ମହାଜନ ଗାଁ ଅଷ୍ଟପ୍ରହରୀ କି ସଂକୀର୍ତ୍ତନ ଅବା ପୂଜା ଚାନ୍ଦା ଦେଇ ଦାନୀ ବୋଲାଏ । ମଞ୍ଚ ଉପରେ ସମ୍ବର୍ଦ୍ଧିତ ହୁଏ । ଆଉ ସେଇ ଶୋଷିତ ଚାଷୀ ତାଳି ମାରେ, ଜୟ ଜୟକାର କିରେ... । ଓଃ କି ବିଶାଳ ହୃଦୟ । ବିଚରା, ସେ ଜାଣିପାରେନା ସେଇ ମହାଜନର ବଦାନ୍ୟତା ପଛରେ ତାରି ସୁଧିଆ ଟଙ୍କାର ବି ଭାଗ ରହିଛି ।

ଆଜିକାଲି ସେମାନଙ୍କ ଜାଗା ଗାଁ ଟାଉଟର, ଠିକାଦାର ଆଉ ନେତାମାନେ ନେଇ ଯାଇଛନ୍ତି । ଯେଉଁମାନେ ଭତ୍ତା, ଆବାସ, ରାସନ୍ କାର୍ଡ଼ ଆଉ କାମଦାମରୁ ଭଲ ଟଙ୍କା କମାନ୍ତି, ଆଉ ମଝିରେ ମଝିରେ କାହାକୁ ନିବ୍ ଟିଏ, ଚିକେନ କଷା ଟିକେ ଅବା ଭୋଟ୍ ବେଳେ ଟଙ୍କା ଦେଇ ନେତା ହୁଅନ୍ତି । ଓଃ, କି କାତୁଆ ନେତା । ବିଚରା ଗାଁ ଲୋକ ଜାଣିପାରନ୍ତିନି ତାଙ୍କରି ଟଙ୍କା ରିସାଇକ୍ଲିଂ କରି ତାଙ୍କୁ ହିଁ ଦିଆଯାଉଛି ବୋଲି ।

ଠିକ୍ ସେମିତି ଆମ ସରକାରମାନେ । କେନ୍ଦ୍ର ହେଉକି ରାଜ୍ୟ, ଆମ ରାଜ୍ୟ ହେଉକି ଅନ୍ୟ ରାଜ୍ୟ, ସମସ୍ତେ କହୁଛନ୍ତି ହେଇ ଦେଖ ଆମ ଅମଳରେ ବିକାଶ କେମିତି ଝଲମଲ କରୁଛି । ପ୍ରଗତିର ରଥ କେମିତି ସାଏଁସାଏଁ ହୋଇ ଗଡ଼ିଚାଲୁଛି । ହାତୀ ନିଅ, ଘୋଡ଼ା ନିଅ, ଜୋତା ନିଅ, ଛତା ନିଅ ଭଳି ଡଜନ ଡଜନ ମାଗଣା ସ୍କିମ୍ କରି ଲୋକଙ୍କ ମନ ମୋହୁଛନ୍ତି । ମାଗଣା ପାଇବା ଲୋଭରେ ଲୋକେବି ଭୋଟ୍ ନାଦି ଦେଉଛନ୍ତି । ଭୋଟ୍ ସମୟରେ ବୋନସ୍ ଭାବେ ନୋଟ୍ ବି ପାଉଛନ୍ତି । ବାସ୍ ଜନତା ପାଇ ପାଇ ଖୁସି । ନେତା ଏହାତରେ ଦେଇ ସେହାତରେ ଲୁଟି ବି ଖୁସି ।

> ଡାହାଣୀମାନେ କୁଆଡ଼େ ନଡ଼ାକୁ ଷ୍ଟ୍ର' ଭଳି କରି ଲୋକ ଦେହରୁ ରକ୍ତ ଶୋଷି କଣ୍ଠା କରିଦିଏ । ପିଲାଦିନେ ଆମେ ବୋଉ କି ଜେଜେମା'ଠାରୁ ଏକଥା ଶୁଣିଶୁଣି ଆସିଛୁ । ଅବଶ୍ୟ ସେ ଡାହାଣୀଙ୍କୁ କେବେ ଦେଖିନୁ । ହେଲେ ଏବେ କିନ୍ତୁ ଟିକସ ଡାହାଣୀ କେମିତି ରକ୍ତ ଶୋଷୁଛି ଆମେ ସବୁ ଅଙ୍ଗେ ନିଭାଉଛୁ ।

ସରକାରଙ୍କ ବଜେଟ୍ ନଖଟ ହେଉଛି ତ, ନୋ ଟେନସନ । ଭୋଟ୍ ପାଇଁ ଆମକୁ କିଛି ବି କରିବାକୁ ପଡ଼ିବ । ଦେଶ କି ରାଜ୍ୟ ଗଡ଼ିବା ପଛରେ ଥାଉମ, କୋଡ଼ିଆ ସୃଷ୍ଟି କରି ଆଗ ଚଉକିଟା ବଞ୍ଚାଇବାକୁ ପ୍ରତିଯୋଗିତା ଚାଲିଛି । ସେଥିପାଇଁ ସାଧାରଣ ଲୋକଙ୍କ ମୁଣ୍ଡରେ ଟିକସ ବୋଝ ଲଦି ଦିଆଯାଉଛି । ସରକାର ପାଳିଥିବା ଟିକସ ଟିଙ୍କଗୁଡ଼ାକ ଆମ ରକ୍ତ ଶୋଷିବାରେ ଲାଗିଛନ୍ତି । ଟିଙ୍କ ନକହି ଡାହାଣୀ କହିଲେ ବି ଭଲ ହେବ । ଡାହାଣୀମାନେ କୁଆଡ଼େ ନଡ଼ାକୁ ଷ୍ଟ୍ର ଭଳି କରି ଲୋକ ଦେହରୁ ରକ୍ତ ଶୋଷି କଣ୍ଠା କରିଦିଏ । ପିଲାଦିନେ ଆମେ ବୋଉ କି ଜେଜେମା'ଠାରୁ ଏକଥା ଶୁଣିଶୁଣି ଆସିଛୁ । ଅବଶ୍ୟ ସେ ଡାହାଣୀଙ୍କୁ କେବେ ଦେଖିନୁ । ହେଲେ ଏବେ କିନ୍ତୁ ଟିକସ ଡାହାଣୀ କେମିତି ରକ୍ତ ଶୋଷୁଛି ଆମେ ସବୁ ଅଙ୍ଗେ ନିଭାଉଛୁ । ପାଠକମାନେ ବି ନିଶ୍ଚିତ ଆମ ସହ ଏକମତ ହେବେ ।

ଆଗକୁ ଆସିବ ବଜେଟ୍ ଋତୁ । କେନ୍ଦ୍ର ଓ ରାଜ୍ୟ ସରକାରମାନେ ବଜେଟ୍ ପ୍ରସ୍ତୁତ କରିବେ । ସବୁବର୍ଷ ବଜେଟ୍ ବଢ଼ିଚାଲିବା ସ୍ୱାଭାବିକ କଥା । ବଜେଟ ବଢ଼ିବାକୁ ନେଇ ଶାସକ ଦଳ ଛାତିପିଟି ଚିତ୍କାର ବି କରିବେ । ସରକାର ବି ପ୍ରଶାସକମାନଙ୍କୁ ଟାସ୍କ ଦେବେ । ହେଲେ ବଜେଟ୍ କେମିତି ବଢ଼ିବ ? ବାସ୍ ସୁବିଧା ଉପାୟଟି ହେଉଛି, ଟିକସ ବଢ଼ାଇଦେବା । ଏମିତି କୋଉ ବଜେଟ୍ ନାହିଁ, ଯେଉଁ ବଜେଟରେ କିଛି ନା କିଛି ଟିକସ ବଢ଼ିନି । ଆମେ ଟିକସକୁ ସମ୍ପୂର୍ଣ୍ଣ ବିରୋଧ କରୁନୁ କି ବଜେଟ୍ ନବଢୁ ବୋଲି କହୁନୁ । ହେଲେ ସାଧାରଣ ଲୋକଙ୍କ ଉପରେ ଅଧିକ ଟିକସର ବୋଝ, ଫାଇନର ବୋଝ ଲଦି ବିକାଶର ଡିଣ୍ଡିମ ପିଟିବାର ମାନେ ହିଁ ନାହିଁ । ନଚେତ୍ ଲୋକେ ଡେଭଲପମେଣ୍ଟର ମାନେ ପବ୍ଲିକ ମନି ଲୁଟ୍ ସ୍କିମ୍ ବୋଲି ବୁଝିବେ ।


# ନେପାଳୀବାବା ଓ ନବକୃଷ୍ଣ

ନବକୃଷ୍ଣ ଚୌଧୁରୀଙ୍କ ସରକାର ସମୟରେ ଅନୁଗୁଳର ରନ୍ତଲେଇ ଗାଁର ଜଣେ ଗାଈଆଳ ପିଲା ହୁକୁମ ଦେଉଥିବା କଥା ପ୍ରଚାରିତ ହୋଇଥିଲା । ନେପାଳୀ ବାବା ନାମରେ ପରିଚିତ ବାବାଙ୍କ ପାଖକୁ ହଜାର ହଜାର ଲୋକଙ୍କ ସୁଅ ଛୁଟିଲା । ରନ୍ତଲେଇରେ ଏତେ ଲୋକ ଗଦା ହେଲେଯେ, ରହିବା, ଖାଇବା ଓ ପିଇବାର କିଛି ବି ବ୍ୟବସ୍ଥା ନଥିଲା । ଫଳରେ ସେଠାରେ ମହାମାରୀ ବ୍ୟାପିଲା । ଅନେକ ଲୋକ ମୃତ୍ୟୁବରଣ ବି କଲେ । ସରକାର ହସ୍ତକ୍ଷେପ କରିବାକୁ ମାଳତୀ ଚୌଧୁରୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ । ହେଲେ ଧର୍ମ ବିଶ୍ୱାସରେ ବାଧା ଦେବାଭଳି ଅଧିକାର ସରକାରର ନାହିଁ, ସରକାର ନାଚାର ବୋଲି ନବକୃଷ୍ଣ କହିଥିଲେ । ତହୁଁ, ମାଳତୀ କହିଥିଲେ, ନ ପାରିବ ତ ଇସ୍ତଫା ଦେଇଦିଅ । ଏମିତି ମାଇଚିଆ ସରକାର ଦରକାର ନାହିଁ ।



## ବାବା ଅବ୍ଜର୍ଭାନନ୍ଦ

ସଭାପତି ହେଲେ,
ଦିଲ୍ଲୀରୁ ଆସିଲେ
ଯେବେ ଆମ ଭକ୍ତ ବାବୁ,
କଂଗ୍ରେସ ନେତାଏ
ଫୁଟାଣି ମାରିଲେ
ଏବେ ଓଲଟାଇ ଦେବୁ ।
ଉଠିଗଲା ପରେ
ନିଲମ୍ବନ ସବୁ
ଏକ ହେଲେ ବୁଢ଼ା ଟୋକା,
ବିଜେପି, ବିଜେଡ଼ି
ଉପରେ ଗର୍ଜିଲେ
ଓଡ଼ିଶାକୁ ଦେଲ ଧୋକା ।
ପଦଯାତ୍ରା ଠାରୁ
ଆନ୍ଦୋଳନ ଯାଏଁ
ଦେଖାଇଲେ ହଡକମ୍ପ,
ଟିଭିରେ ବାହାରି
ଭାଷଣ ଝାଡ଼ିଲେ
ଫଣା ଟେକି ସତେ ଡମ୍ଫ ।
ଆସିଗଲା ଯେବେ
ନୂଆପଡ଼ା ଯୁଦ୍ଧ
ଭକ୍ତଙ୍କର ଦେଖି ନୀତି,
ଅଧେ ହାତ ନେତା
ମନ ମାରିଦେଲେ
ଭିତରେ ଉଠିଲେ ତାତି ।
ଜଣେ ପରେ ଜଣେ
ଭକତ ବିରୋଧୀ
ହୋ ହା ହେଲେ ଉଠି,
ଏହାରି ଭିତରେ
କଟକ ମୋକିମ୍
ଦିଲ୍ଲୀକୁ ଲେଖିଲେ ଚିଠି ।
ପୁରୁଣା ରୋଗ ଯେ
ଆରମ୍ଭ ହୋଇଲା
କିଛି ଦିନ ପରେ ଯାହା,
ଲୋକ କହିଲେଣି
କଂଗ୍ରେସ ଦଳକୁ
ଦଇବ ହେଉନି ସାହା ।





# ପାୱାର ପଲିଟିକ୍ସ

**‘ପାୱାର’ ପାଇଁ ପଲିଟିକ୍ସ ହୁଏ । ହେଲେ ଆଜିକାଲି ‘ପାୱାର’କୁ ନେଇ ବି ପଲିଟିକ୍ସ ହେଉଛି । ହେବା ବି ସ୍ୱାଭାବିକ । ଦରଦାମ୍ ବୃଦ୍ଧି, ରାସ୍ତାଘାଟ, ବିକାଶ, ଚାଷୀ ଭଳି ବିଜୁଳି ବି ରାଜନୀତିର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟି ଯାଇଛି । ଆଜିକାଲି ବିଜୁଳି ବିନା ମୁହୂର୍ତ୍ତଟେ ରହିବା ବି କଷ୍ଟକର ହୋଇପଡ଼ିଲାଣି । ଅନ୍ୟ ସବୁ ପ୍ରସଙ୍ଗରେ ଓଲମବିଲମ ହେଲେ ଚଳିବ ହେଲେ ବିଜୁଳିରେ ଟିକେ ଏପଟସେପଟ ହେଲେ କଥା ସରିଲା । ଖାସ୍ ସେଇଥିପାଇଁ ତ ସବୁ ଦଳର ଇସ୍ତାହାରରେ ବିଜୁଳି କଥା ହିଁ ରହୁଛି । ‘ବିଜୁଳି’ ଆନ୍ଦୋଳନ ଅନେକଙ୍କୁ ନେତା ସଜାଉଥିବାବେଳେ ‘ବିଜୁଳି’ ବେଳେବେଳେ ଶାସନକୁ ବି ହୁଗାଳି ଦେଉଛି ।**



ପାୱାର ପଲିଟିକ୍ସ ଶୀର୍ଷକରୁ ଆପଣ ଭାବୁଥିବେ କ୍ଷମତା ରାଜନୀତିର କଥା ଆମେ କହିବାକୁ ଯାଉଛୁ। ମାତ୍ର ତାହା ନୁହେଁ। ଆମେ ପାୱାର ଅର୍ଥାତ୍ ଶକ୍ତି ବା ବିଦ୍ୟୁତ୍ କଥା କହିବାକୁ ଚାହୁଁଛୁ । ବିଦ୍ୟୁତ୍ କ୍ଷେତ୍ରରେ ଜାତୀୟସ୍ତରରେ ନବେ ଦଶକରେ ସଂସ୍କାର ନେଇ ପ୍ରଥମେ ଚିନ୍ତା କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ଏକ କମିଟି ଗଠନ କରିଥିଲେ । ଯାହାର ଅଧ୍ୟକ୍ଷ ଥିଲେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସେ ସମୟରେ ହିଁ ଭାରତବର୍ଷରେ ବିଦ୍ୟୁତ୍ ସଂସ୍କାର ନେଇ ବଡ଼ ବିଚାରବିମର୍ଷ ହୋଇଥିଲା। ସେତେବେଳେ ଓଡ଼ିଶାରେ ଓଏସଇବି ବା ଓଡ଼ିଶା ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡ଼ ରହିଥିଲା। ଏହାର ପୁନର୍ଗଠନ ପାଇଁ ନୀତିଗତ ଢାଞ୍ଚା ପରିବର୍ତ୍ତନ କରିବାକୁ ଆଲୋଚନା ହୋଇଥିଲା। ୧୯୯୫ରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ଆସିବା ପରେ ଓଏସଇବିକୁ ଭାଙ୍ଗି ଦେଇଥିଲେ । ଦେଶର ପ୍ରଥମ ରାଜ୍ୟ ଭାବେ ବିଦ୍ୟୁତ୍ ବିତରଣ ଓ ଶୁଳ୍କ ଆଦାୟକୁ ଘରୋଇକରଣ କରିଥିଲେ। ଏମିତିକି ସେ ନିଜ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବିଜୁଳି ବିଭାଗକୁ ନିଜ ପାଖରେ ରଖିଥିଲେ। ଯାହାର ଫାଇଦା ପ୍ରାଥମିକ ଭାବେ ରିଲିୟାନ୍ସ କମ୍ପାନୀ ଓ ଏଇଏସ କମ୍ପାନୀ ହାତରେ ଥିଲା। ସେତେବେଳେ ଏଇଏସ କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜେବି ପଟ୍ଟନାୟକଙ୍କ ଅନ୍ୟତମ ଜାମାତା ମଧ୍ୟସ୍ଥତା ଓ ଆର୍ଥିକ ଫାଇଦା ପାଇଥିଲେ। ଯାହାକୁ ନେଇ ରାଜ୍ୟ ରାଜନୀତିରେ ତମ୍ବିତୋଫାନ ହୋଇଥିଲା। ଯେଉଁସବୁ ଲକ୍ଷ୍ୟ ନେଇ ଘରୋଇକରଣ ହୋଇଥିଲା ସେହି ଲକ୍ଷ୍ୟ ଏଯାବତ୍ ହାସଲ ହୋଇପାରିନାହିଁ। କିନ୍ତୁ ପାୱାରକୁ ନେଇ ପଲିଟିକ୍ସ ଜାରିରହିଛି।




ଦୀର୍ଘ ୨୪ ବର୍ଷ ଧରି ବିଜେଡ଼ି କ୍ଷମତାରେ ଥିବାବେଳେ ବରିଷ୍ଠ ରାଜନେତାମାନଙ୍କ ହାତରେ ଶକ୍ତି ବିଭାଗ ରହିଆସିଛି। ଜେବି ପଟ୍ଟନାୟକ ବି ନିଜ ହାତରେ ଏହି ବିଭାଗ ରଖିଥିବାବେଳେ ଉପମନ୍ତ୍ରୀ ରହିଥିଲେ ନିରଞ୍ଜନ ପଟ୍ଟନାୟକ। ସେହିପରି ବିଜେଡ଼ି ସମୟରେ ଅରୁଣ କୁମାର ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ସୁଶାନ୍ତ ସିଂ, ସୂର୍ଯ୍ୟ ନାରାୟଣ ପାତ୍ର ପ୍ରମୁଖ ଏହି ଦାୟିତ୍ୱରେ ରହିଥିଲେ।

ସେ ଯାହାହେଉନା କାହିଁକି ଅଘୋଷିତ ବିଜୁଳି କାଟ୍, ଲୋ ଭୋଲଟେଜ, ତ୍ରୁଟିପୂର୍ଣ୍ଣ ମିଟର, ବର୍ଦ୍ଧିତ ବିଜୁଳି ଦେୟ ଆଦି ସମସ୍ୟା ବିଭାଗକୁ ବହୁ ଅକଳରେ ପକାଇଛି । ତେଣୁ ବିଜୁଳି ନେଇ ଗତ ଦେଢ଼ ଦଶନ୍ଧି ଧରି ରାଜନୀତି ମଧ୍ୟ ଖୁବ୍ ଜମିଛି ।

ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ରବି ବେହେରା, ବାମପନ୍ଥୀ ନେତାଙ୍କ ମଧ୍ୟରେ ସୁରେଶ ପାଣିଗ୍ରାହୀ, ନାରାୟଣ ରେଡ୍ଡୀ, ମହେନ୍ଦ୍ର ପରିଡ଼ା ପ୍ରମୁଖ ବିଭିନ୍ନ ସଂଘ ମାଧ୍ୟମରେ ସକ୍ରିୟ ରହିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଏବଂ ବୁଦ୍ଧିଜୀବୀ ରମେଶ ଶତପଥି ଏବଂ ଆନନ୍ଦ ମହାପାତ୍ର ପ୍ରମୁଖ ବିଭିନ୍ନ ସମୟରେ ବିଜୁଳି ସମସ୍ୟାକୁ ନେଇ ସ୍ୱର ଉଠାଉଛନ୍ତି । ଏମାନଙ୍କ ବ୍ୟତୀତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ୨୦୧୮ରୁ କୃଷିକ୍ଷେତ୍ରକୁ ସମ୍ପୂର୍ଣ୍ଣ ଏବଂ ଘରୋଇ ଉପଭୋକ୍ତାଙ୍କୁ ୨୦୦-୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାକୁ ଦାବି ଉପସ୍ଥାପନ କରି ଆସୁଛନ୍ତି । ଶିଳ୍ପ ସଂସ୍ଥାକୁ ମିଳିଥିବା ସବସିଡ଼ ହ୍ରାସ କରିବାକୁ ସେ ଦାବି କରୁଛନ୍ତି । ସେହିପରି ପଲଟିକାଲ ଥିଙ୍କରସ ଫୋରମ- ଓଡ଼ିଶା ପକ୍ଷରୁ 'ଚା' ଖଟିରେ ବିଜୁଳି ଚର୍ଚ୍ଚା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

କ୍ଷମତା ଅଳିନ୍ଦରେ ଥିବା ବହୁ ବିଧାୟକ ଶାସକ ଦଳର ହୋଇଥିଲେବି ସେମାନେ ବିଧାନସଭାରେ ଟାଟା ପାୱାର ପରିଚାଳନା ଓ ଶକ୍ତି ବିଭାଗର ସ୍ଥାଣୁତା ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଶକ୍ତି ବିଭାଗ ନୀତି ନିର୍ଦ୍ଧାରଣ କରିଥାଏ। ଟାଟା ପାୱାର ତାହାର କାର୍ଯ୍ୟକାରିତା କରିଥାଏ । ଏହାସବୁ ଠିକ୍ ଭାବେ ହେଉଛି କି ନାହିଁ ତାହା ଦେଖିବା ଦାୟିତ୍ୱ ଓଇଆରସିର। ଆଗାମୀ ଦିନରେ ଓଇଆରସିଙ୍କ କାର୍ଯ୍ୟ ଉପରେ ସମସ୍ତଙ୍କ ନଜର ରହିବ । ଟାଟା ପାୱାର ଉପରେ ଓଇଆରସିର କର୍ତ୍ତୃତ୍ୱ ନେଇ ମଧ୍ୟ ପ୍ରଶ୍ନ ଉଠିବ। ଓଡ଼ିଶାର ବିଦ୍ୟୁତ ବିତରଣ କ୍ଷେତ୍ର ଉପରେ ଆଦାନୀର ବି ନଜର ରହିଛି । ଏସବୁ ଭିତରେ ଟାଟା ପାୱାରକୁ ଗାଳି ଦିଆଯାଉଥିବାବେଳେ ଓଇଆରସି ଓ ସରକାରଙ୍କୁ କିନ୍ତୁ ସେଭଳି ସମାଲୋଚନାର ଶରବ୍ୟ ହେବାକୁ ପଡୁନାହିଁ । ଯା ଭିତରେ ଆଦାନୀ କେଁ ନାହିଁ ତ ଏମିତି ପ୍ରଶ୍ନ ଲୋକଙ୍କ ମନରେ ଉଠିବା ଆରମ୍ଭ କଲାଣି।



## ଫ୍ରିରେ ବିଜୁଳି ନିଅ ବିଜୁଳି...

### ବିଜେଡ଼ି

୧୦୦ ୟୁନିଟରୁ କମ୍ ବ୍ୟବହାର କରୁଥିବା ପରିବାରକୁ ମାଗଣା ବିଜୁଳି

୧୦୦ରୁ ୧୫୦ ୟୁନିଟ୍ ବ୍ୟବହାର କରୁଥିବା ପରିବାରକୁ ୫୦ ୟୁନିଟ୍ ମାଗଣା ବିଜୁଳି

ରାଜ୍ୟର ୮୫% ଲୋକଙ୍କୁ ମାଗଣା ବିଜୁଳି ମିଳିବ

ଚାଷୀଙ୍କୁ ମାଗଣା ବିଜୁଳି ମିଳିବ, ଯାହାଫଳରେ କୃଷି କ୍ଷେତ୍ର ପାଇଁ ପମ୍ପ ବ୍ୟବହାର କରୁଥିବା ଚାଷୀମାନେ ଲାଭବାନ ହୋଇପାରିବେ ।

### କଂଗ୍ରେସ

ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ବିଜୁଳି ମାଗଣା

### ବିଜେପି

ପିଏମ-ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ କରି ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପରିବାରକୁ ମାଗଣା ବିଜୁଳି ପ୍ରଦାନ କରିବୁ

# ଲାଇନ୍ ମ୍ୟାନଙ୍କୁ ମାଡ଼



ପିଲାଦିନେ ଆମେ ସମସ୍ତେ ଏହାର ସାକ୍ଷୀ ରହିଛୁ। ଗାଁ ଲୋକେ ବିଲ୍ ଦେବେନି। ମାସ ମାସ ଧରି ସେମିତି ବିଲ୍ ବାକି ଗଡ଼େ। ତିନି ଚାରି ମାସ ପରେ ଲାଇନ୍ ମ୍ୟାନ ଆସି ଲାଇନ୍ କାଟିବାର ଧମକ ଦିଅନ୍ତି । ଗାଡ଼ିରେ ମାଇକ୍ ଲାଗି ପ୍ରଚାର ହୁଏ। କେତେକ ଯାଗାରେ ଲାଇନ୍ ମ୍ୟାନ ଖୁଣ୍ଟରେ ଚଢ଼ିଥିବେ, ସେପଟେ ତଳୁ ଲୋକେ ଶିଡ଼ି କାଢ଼ିନେବେ। ନହେଲେ ଲାଇନ୍ କାଟିବା ବେଳେ ଉତ୍ତମ ମଧ୍ୟମ ଥୋଇବାର ବି ନଜିର ରହିଛି । ଅନେକ ଯାଗାରେ ହୁକ ବି ପଡ଼େ। ହୁକ ମାନେ, ମାଗଣା ବିଜୁଳି ଜାଳିବାର କୌଶଳ। ହୁକ ସଂଖ୍ୟା ବଢ଼ିଲେ ଟ୍ରାନ୍ସଫର୍ମର ଉପରେ ଚାପ ପଡ଼ିବାରୁ ତାହାର ଫ୍ୟୁଜ୍ ଉଡ଼ିଯାଏ। ବେଳେବେଳେ ପୋଡ଼ି ବି ଯାଏ । ଯାହାକୁ ନେଇ ବିଜୁଳି ଉପଭୋକ୍ତା ଆଉ ହୁକ ବାଲାଙ୍କ ମଧ୍ୟରେ ବି ଖଣ୍ଡ ଯୁଦ୍ଧ ଲାଗେ। ବିଜୁଳି ବାଲା ବିଲ୍ ପାଇଁ ଆସିଲେ, ବାପା ଘରେ ନାହାନ୍ତି, ନହେଲେ ସେ ଘରେ ନାହାନ୍ତି ବୋଲି ମଜାଳିଆ ଉତ୍ତର ବି ଶୁଣିବାକୁ ମିଳେ।



## ଛାଡ଼ ହୋ, ମୋଦି ଦବ ୩ ଶହ ୟୁନିଟ୍


ନିର୍ବାଚନ କୋଉ କାଲୁ ସରିଗଲାଣି। ହେଲେ ଏବେବି ମଝିରେ ମଝିରେ ବିଜେଡ଼ି ଆଇଟି ସେଲ୍ ଦ୍ୱାରା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଗୋଟିଏ ଭିଡ଼ିଓ ବେଶ୍ ଭାଇରାଲ ହେଉଛି। ନିର୍ବାଚନ ପ୍ରଚାର ବେଳେ ଧର୍ମେନ୍ଦ୍ର କହିଥିଲେ, ନବୀନ ବାବୁ କହୁଛନ୍ତି ମୁଁ ଶହେ ୟୁନିଟ୍ ଦେବି। ଚବିଶ ବର୍ଷରେ ତ ନାଇଁ ଦେଇ। ତମେ ଦେବ ବିଜୁଳି ଫ୍ରି ଶହେ ୟୁନିଟ୍? ଛାଡ଼ହୋ...ମୋଦି ଦେବେ ୩ ଶହ ୟୁନିଟ୍ ବିଜୁଳି ଫ୍ରି...। ଯାହା ଏବେବି ବେଶ୍ ଚର୍ଚ୍ଚା ସୃଷ୍ଟି କରେ। ଏବେବି ବିରୋଧୀ ଧର୍ମେନ୍ଦ୍ରଙ୍କ ଭିଡ଼ିଓ ଛାଡ଼ି କେବେ ୩ ଶହ ୟୁନିଟ୍ ବିଜୁଳି ମିଳିବ ବୋଲି ବିଜେପିକୁ ପ୍ରଶ୍ନ କରନ୍ତି ।

### ଲାଇନ୍ ପହଁଚିବାଠୁ ପାୱାର କଟ୍ ଯାଏଁ

# ବିଜୁଳି; ଶାସନ ଗଲାଣି ହୁଗୁଳି

ପିଲାଦିନୁ ଆମେ 'ବିଜୁଳି ସମସ୍ୟା' କଥା ଶୁଣି ଶୁଣି ଆସୁଛୁ । ବିଜୁଳି ସମସ୍ୟାକୁ ନେଇ କିଭଳି ରାଜନୀତିକ ରୁଟି ସେକାହୁଏ ତାହା ବି ଦେଖିଛୁ । ଦିନ ଥିଲା ଗାଁକୁ ବିଜୁଳି ଆସିବା ପାଇଁ ଆନ୍ଦୋଳନ ହେଉଥିଲା। ତା'ପରେ ଘର ଘର ବିଜୁଳି ପାଇଁ ଆନ୍ଦୋଳନ ହେଲା। ସେତେବେଳେ ବିଜୁଳି କାଟ୍ ଏକ ପ୍ରସଙ୍ଗ ନଥିଲା, ବରଂ ବିଜୁଳି ପହଁଚିବା ଏକ ପ୍ରସଙ୍ଗ ଥିଲା। ପରେପରେ ଟ୍ରାନ୍ସଫର୍ମର ଉପରେ ଲୋଡ୍ ପଡ଼ିବାରୁ ଅନେକ ଗାଁରେ ନୂଆ ଟ୍ରାନ୍ସଫର ପାଇଁ ବି ଆନ୍ଦୋଳନର ନଜିର ଦେଖିବାକୁ ମିଳିଛି। ଧିରେଧିରେ ଘରେ ଘରେ ବିଜୁଳି ପହଁଚିଲା। ମାଗଣା ଯୋଜନା ବି ହେଲା। ଏହାପରେ ଆସିଗଲା ପାୱାର କଟ୍ ପ୍ରସଙ୍ଗ। ପରୀକ୍ଷା ବେଳେ କାହିଁକି ଲାଇନ୍ କଟୁଛି ? ବର୍ଷା ଦିନେ କାହିଁକି ଆଲୁଅ ପଳାଇଲା, ଏମିତି ଗଦାଗଦା ସମସ୍ୟା, ଦାବି, ଜନ ଅସନ୍ତୋଷ ଦେଖିବାକୁ ମିଳେ। ଖବରକାଗଜରେ ଓ ଟିଭିରେ ଖବର ବି ପ୍ରକାଶ ପାଏ । ବିଧାନସଭାରେ ବି କଥା ଉଠେ, କିଛି ସମସ୍ୟାର ସମାଧାନ ହୁଏ ଆଉ କିଛି ସମସ୍ୟା ଭିତରେ ଲୋକେ ସେମତି ଘାଣ୍ଟି ହୁଅନ୍ତି । ଆଉ ବିରୋଧୀଙ୍କ ଆକ୍ରମଣରେ ସରକାର ବି ବିଜୁଳି ଝଟକାର ସାମ୍ନା କରିବାର ନଜିର ରହିଛି ।





# ମାଗଣା ନିଅ, ଭୋଟ୍ ଦିଅ

## କେଉଁ ରାଜ୍ୟରେ କେତେ ?

### ଦିଲ୍ଲୀ

ଘରୋଇ ଉପଭୋକ୍ତାଙ୍କୁ ମାଗଣାରେ ୨୦୦ ୟୁନିଟ୍ ବିଜୁଳି। ୨୦୧ରୁ ୪୦୦ ୟୁନିଟ୍ ବିଜୁଳି ବ୍ୟବହାର କ୍ଷେତ୍ରରେ ୫୦% ସବସିଡ଼ି ।

### ପଞ୍ଜାବ

ଘରୋଇ ଉପଭୋକ୍ତାଙ୍କୁ ୩ ଶହ ୟୁନିଟ୍ ମାଗଣା ବିଜୁଳି। ୯୦% ଉପଭୋକ୍ତାଙ୍କର ଜିରୋ ବିଲ୍ ଆସୁଛି।

### କର୍ଣ୍ଣାଟକ

ଗୃହ ଜ୍ୟୋତି ଯୋଜନାରେ ରାଜ୍ୟ ସରକାର ଯୋଗ୍ୟ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ମାଗଣା ବିଜୁଳି ଦେଉଛନ୍ତି।

### ତେଲେଙ୍ଗାନା

କର୍ଣ୍ଣାଟକ ଭଳି ତେଲେଙ୍ଗାନା ବି କଂଗ୍ରେସ ଶାସିତ ରାଜ୍ୟ ହୋଇଥିବାରୁ ସେଠାରେ ଗୃହ ଜ୍ୟୋତି ଯୋଜନାରେ ଯୋଗ୍ୟ ଉପଭୋକ୍ତାଙ୍କୁ ମାଗଣାରେ ୨୦୦ ୟୁନିଟ୍ ବିଜୁଳି ମିଳୁଛି ।

### ବିହାର

ଯୋଗ୍ୟ ଉପଭୋକ୍ତାଙ୍କୁ ୧୨୫ ୟୁନିଟ୍ ବିଜୁଳି ମାଗଣାରେ ଦିଆଯାଉଛି ।

### ଝାରଖଣ୍ଡ

ମୁଖ୍ୟମନ୍ତ୍ରୀ ମାଗଣା ବିଜୁଳି ଯୋଜନା (ଏନର୍ଜି ହାପିନେସ ସ୍କିମ୍)ରେ ୨୦୦ ୟୁନିଟ୍ ମାଗଣା ବିଜୁଳି ଦିଆଯାଉଛି ।

### କୃଷକଙ୍କୁ ମାଗଣା ବିଜୁଳି

ପଞ୍ଜାବ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନାରେ ଚାଷୀଙ୍କୁ ପମ୍ପ ଚଳାଇବା ପାଇଁ ମାଗଣା ବିଜୁଳି ଦିଆଯାଉଛି। ସେହିପରି ଗୁଜୁରାଟ, ରାଜସ୍ଥାନରେ ଏଥିପାଇଁ ରିହାତି ପ୍ରଦାନ କରାଯାଉଛି।



# ବହି ଲେଖିଲେଣି ନବଜ୍ୟୋତି

ପଟ୍ଟନାୟକ ପରିବାର ହାତରେ ରହିଛି ରାଜ୍ୟର ସବୁଠୁ ବଡ଼ କାଗଜ ଆଉ ପ୍ରେସ୍। ତେଣୁ ତାଙ୍କ ପରିବାର ଯାକ ଲେଖାଲେଖି କଲେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ନା କାଗଜର ଅଭାବ ନା କାଳିର। ଟଙ୍କା ନେଇ ଲେଖିବା ଲୋକଙ୍କର ବି ସେ ଅନୁଷ୍ଠାନରେ ଅଭାବ ନାହିଁ । ଏମିତିବି ପଟ୍ଟନାୟକ ପରିବାରର ଏକଦା ମୁଖିଆ ଥିବା ଜାନକୀ ବାବୁ ଥିଲେ ଜଣେ ବଢ଼ିଆ ସାହିତ୍ୟିକ। ରାଜନୀତିରେ ତାଙ୍କ ମୁଣ୍ଡ ଯେମିତି ଶାଣିତ ଥିଲା, କଲମ ବି ସେମିତି ସାଇଁସାଇଁ ଚାଲୁଥିଲା । ଓଡ଼ିଶା ରାଜନୀତିକ ଇତିହାସରେ ଜାନକୀ ବାବୁ ଧୁରୀଣ ଲେଖକ ବୋଲି ସମସ୍ତେ ଜାଣନ୍ତି । ଜାନକୀଙ୍କ ପତ୍ନୀ ଜୟନ୍ତୀ ପଟ୍ଟନାୟକଙ୍କର ବି ଲେଖାଲେଖି ସଉକ ରହିଛି । ଦ୍ୱାଇଁ ସୌମ୍ୟରଞ୍ଜନ ପଟ୍ଟନାୟକ, ଲେଖାଲେଖି ସଉକିଆ ବୋଲି ଅଧ୍ୟାପନା ବି ଛାଡ଼ି ଦେଇଥିଲେ । ରାଜନୀତିରେ ସେ ଯେତିକି ଚର୍ଚ୍ଚିତ, 'ଆମ ଘରର ହାଲଚାଲ' ପାଇଁ ସେତିକି ଚର୍ଚ୍ଚିତ। ପତ୍ନୀ ସୁଦତ୍ତା ପଟ୍ଟନାୟକ ବାପାଙ୍କ ପତ୍ରିକା 'ପୌରୁଷ'ର ସମ୍ପାଦିକା । ସୌମ୍ୟବାବୁଙ୍କ ସାନ ଝିଅ ତନୟା ପଟ୍ଟନାୟକ ଏବେ ସମ୍ବାଦର ସର୍ବେସର୍ବା। ଥରେ କୁଆଡ଼େ ସମ୍ବାଦ କାଗଜରେ ଲେଖା ନଖଟ ପଡ଼ିଲା ବୋଲି ସୁରେନ୍ଦ୍ର ମହାନ୍ତି 'ଶେଷ ସ୍ତମ୍ଭ' ନାମରେ ସ୍ତମ୍ଭଟିଏ ଆରମ୍ଭ କରିଥିଲେ । ହେଲେ ତନୟା କମ୍ ବୟସରେ ସମ୍ପାଦକ ହୋଇଥିବାରୁ ସେ ବି କମ୍ ନୁହଁନ୍ତି ଦର୍ଶାଇବାକୁ ଯାଇ 'ପ୍ରଥମ ସ୍ତମ୍ଭ' ଜାରି ରଖିଛନ୍ତି । ଏବେ ସେ ସମ୍ବାଦର ଲେଖାଲେଖି ବା ସମ୍ପାଦନା ଦାୟିତ୍ୱରେ ଅଛନ୍ତି । ଅବଶ୍ୟ ସୌମ୍ୟବାବୁ କାଗଜ କାଳି ଦାୟିତ୍ୱ ବଡ଼ ଝିଅ ତଲ୍ଲୀନାଙ୍କୁ ଦେଇଥିବାବେଳେ କଲମ ଦାୟିତ୍ୱ ତନୟାଙ୍କ ହାତରେ ଧରାଇ ଦେଇଛନ୍ତି । ଭଗବାନ ନକରନ୍ତୁ, କଲମ ଓ କାଳି ଭିତରେ କଳି ନହେଉ । ମଝିରେ ସୌମ୍ୟଙ୍କ ଭାଇ ଡିଆର ପଟ୍ଟନାୟକ ବହିଟେ ଲେଖି ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲେ । ତେଣୁ ସମସ୍ତେ ଯେତେବେଳେ ଲେଖାଲେଖି କଲେଣି ନିରଞ୍ଜନ ପଟ୍ଟନାୟକଙ୍କ ପରିବାର କାହିଁକି ପଛରେ ପଡ଼ିଯାଇଥା'ନ୍ତେ। ତେଣୁ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ 'ଆଧୁନିକ ଓଡ଼ିଶାର ନିର୍ମାତା ଜାନକୀ ବଲ୍ଲଭ ପଟ୍ଟନାୟକ' ବହିରୁ ନବଜ୍ୟୋତି ପଟ୍ଟନାୟକ ଲେଖକ କ୍ୟାରିୟର ଆରମ୍ଭ କରିଛନ୍ତି । ଅବଶ୍ୟ ସେ ଲେଖିନାହାନ୍ତି, କୁଆଡ଼େ ସମ୍ପାଦନା କରିଛନ୍ତି । ଆଜ୍ଞା ଏମିତି ଦିନେ ସମ୍ପାଦନାରୁ କ୍ୟାରିୟରରୁ ଆରମ୍ଭ କରି ଜାନକୀ ବାବୁ ତିନି ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଠିକ୍ ସେମିତି ଆଗକୁ ନବଜ୍ୟୋତି ସମ୍ପାଦନା ବାଟ ଦେଇ ଲୋକସଭାକୁ ଯାଆନ୍ତୁ ।



# କୋରେଇ ସଜାଡୁଛନ୍ତି ବବି

ଯାଜପୁର ଅପେକ୍ଷା ଏବେ ପ୍ରଣବ ପ୍ରକାଶ ଦାସ କୋରେଇ ଉପରେ ବେଶୀ ଫୋକସ୍ କରୁଛନ୍ତି। ବାପା ଅଶୋକ ଦାସଙ୍କ ଗଡ଼ରେ ମା'ଙ୍କ ପରାଜୟକୁ ବବି ସହଜରେ ହଜମ କରିପାରୁନାହାନ୍ତି। ଅବଶ୍ୟ ସେ ଯାଜପୁର ଛାଡ଼ି ସମ୍ବଲପୁର ଯାଇନଥିଲେ କୋରେଇ ତାଙ୍କୁ ବଳିନଥା'ନ୍ତା। ତଥାପିବି ତାଙ୍କ ମା' ନିଶ୍ଚିତ ଜିତିବେ ବୋଲି ବବି ଆଶା ବାନ୍ଧିଥିଲେ। ହେଲେ ବିଜେପି ଟିକେଟରେ ଲଢ଼ି ଆକାଶ ଦାସ ନାୟକ ବବିଙ୍କ ମା' ସଂଧ୍ୟାରାଣୀ ଦାସଙ୍କୁ ୫ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଥିଲେ। ଏମିତିବି ଚବିଶରେ ବବିଙ୍କୁ ଟ୍ରିପଲ ଝଟକା ଲାଗିଥିଲା। କାହିଁକିନା ସେ ନିଜେ ସମ୍ବଲପୁରରୁ ଲୋକସଭା ନିର୍ବାଚନ ହାରିଥିବାବେଳେ ମା' ବି ବିଧାନସଭା ନିର୍ବାଚନ ହାରିଲେ। ଆଉ ସବୁଠାରୁ ବଡ଼ କଥା ହେଉଛି, ନବୀନ ବାବୁଙ୍କ ସରକାର ବି ଚାଲିଗଲା । ବବି କେବେବି ଏହା କଳ୍ପନାରେ ଭାବିନଥିଲେ।

ତେବେ ସେ ଯାହାହେଉନା କାହିଁକି ଯାଜପୁରରେ ପୁଣି ବିଜେଡ଼ିକୁ ମଜବୁତ୍ କରିବା ପାଇଁ ବବି ଦାସ ଅଣ୍ଟା ଭିଡ଼ିଛନ୍ତି। ଚବିଶରେ ଯାଜପୁରର ତିନି ଟାଣୁଆ ନେତା ବା ବବିଙ୍କ ଭାଷାରେ ବିଜେଡ଼ି (ବି- ବବି, ଜେ- ଜିତୁ, ଡି-ଡ୍ୟାନି) ଚିଟପଟାଙ୍ଗ ଦେଇଛନ୍ତି। ସେମାନଙ୍କ ପାରମ୍ପରିକ ଆସନରେ ଏବେ ବିଜେପିର ରାଜୁତି ଚାଲିଛି । ଏକଦା ତିନି ନେତା ଭଲ ଭୋଟ୍‌ରେ ଜିତୁଥିବାବେଳେ ଏବେ ବିଜେଡ଼ିର ସ୍ଥିତି କିନ୍ତୁ ଦୋହଲି ଯାଇଛି। ଯାଜପୁରରେ ଏବେ ବି ବବିଙ୍କର ସଂଗଠନ ମଜବୁତ୍ ରହିଛି। ଗତ ନିର୍ବାଚନରେ ବିଜୟ ବ୍ୟବଧାନ ବହୁ କମି ଯାଇଥିଲେବି ଯାଜପୁର ବିଜେପିରେ ଚାଲିଥିବା କଳି ବବି ଦାସଙ୍କୁ ବେଶ୍ ସୁହାଇଛି । ତେଣୁ ସେ ଯାଜପୁର ବଦଳରେ କୋରେଇ ଉପରେ ବେଶୀ ଫୋକସ କରୁଛନ୍ତି। ବିଜେପି ଢାଞ୍ଚାରେ ବବି ଦାସ ଏବେ ସଂଗଠନ ଆରମ୍ଭ କରିଦେଇଛନ୍ତି । ବିଜେପି ଯେଭଳି ମୋ ବୁଥ, ସବୁଠୁ ମଜବୁତ୍‌ର ନାରା ଦେଉଥିଲା, ଠିକ୍ ସେମିତି ବବି ଏବେ ମୋ ୱାର୍ଡ଼, ସବୁଠୁ ମଜବୁତର ନାରା ଦେଇଛନ୍ତି । ଅତଏବ ସେ ଏବେ ପ୍ରତି ପଞ୍ଚାୟତର ୱାର୍ଡ଼ସ୍ତରରେ ସଂଗଠନକୁ ସଜାଡ଼ିବାରେ ଲାଗିଛନ୍ତି । ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ବିଜେଡ଼ି ଏଭଳି ରଣନୀତି ଆପଣାଇଥିବା ସ୍ପଷ୍ଟ ହୋଇଯାଇଛି।

ଚବିଶ ନିର୍ବାଚନରେ ବିଜେଡ଼ିର ପରାଜୟ ପଛରେ ନିଜ ଦଳର କର୍ମୀଙ୍କ ଧୋକ୍କା ଓ ବିରୋଧ ହିଁ ମୁଖ୍ୟ କାରଣ ଥିଲା। ତେଣୁ ବବି ଏବେ ପରାଜୟର ଦରଜକୁ ଭୁଲି ସଂଗଠନକୁ ଶାଣିତ କରୁଛନ୍ତି । ବିଶେଷକରି କୌଣସି ନା କୌଣସି କାରଣରୁ ବିଜେଡ଼ିକୁ ମୁହଁମୋଡ଼ି ଚାଲିଯାଇଥିବା ପୂର୍ବ ଶଙ୍ଖୁଆମାନଙ୍କୁ ବବି ଏକାଠି କରିବାର ଯୋଜନା କରୁଛନ୍ତି। ଏମିତିକି ଏବେ ବବିଙ୍କ ବୋଝକୁ ନବୀନ ବାବୁ ହାଲ୍‌କା କରିଦେଇଛନ୍ତି। ନିଜେ ନବୀନ ବାବୁ ବିଜେଡ଼ିର ମଙ୍ଗ ହାତରେ ଧରିବା ସହ ନେତାଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀ ଜଗିବାକୁ ପରାମର୍ଶ ଦେଇଛନ୍ତି। ଯେଉଁଥିପାଇଁ ବବି ଏବେ ଭୁବନେଶ୍ୱରଠୁ ଅଧିକ ସମୟ ଯାଜପୁର ଓ କୋରେଇରେ ବିତାଉଥିବା ଲକ୍ଷ୍ୟ କରାଯାଉଛି। ତେବେ ବବି ଦାସଙ୍କ ଗୋଟିଚାଳନା କେତେ ସଫଳ ହୋଇଛି, ତାହାର ଉତ୍ତର ପଞ୍ଚାୟତ ନିର୍ବାଚନ ହିଁ ଦେବ।



## କୋରେଇ କାହାର

୧୯୭୪ : ଅଶୋକ କୁମାର ଦାସ
୧୯୭୭ : ଅଶୋକ କୁମାର ଦାସ
୧୯୮୦ : ଅଶୋକ କୁମାର ଦାସ
୧୯୮୫ : ରାମଚନ୍ଦ୍ର ଖୁଣ୍ଟିଆ
୧୯୯୦ : ଅଶୋକ କୁମାର ଦାସ
୧୯୯୫ : ଅଶୋକ କୁମାର ଦାସ
୨୦୦୦ : ଅଶୋକ କୁମାର ଦାସ
୨୦୦୪ : ସଞ୍ଚିତା ମହାନ୍ତି
୨୦୦୯ : ପ୍ରୀତିରଞ୍ଜନ ଘଡ଼େଇ
୨୦୧୪ : ଆକାଶ ଦାସ ନାୟକ
୨୦୧୯ : ଅଶୋକ କୁମାର ବଳ
୨୦୨୪ : ଆକାଶ ଦାସ ନାୟକ

# ଅପରାଜିତାଙ୍କ ହାତରେ ଖୋର୍ଦ୍ଧା ମଙ୍ଗ



ବହୁ ଛକାପଞ୍ଝା ଭିତରେ ଖୋର୍ଦ୍ଧା ଜିଲ୍ଲା ବିଜେପି ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି । ବେଶ୍ କିଛିଦିନ ଧରି କେବେ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ତ କେବେ ଯତୀନ ମହାନ୍ତିଙ୍କ ସହ ଅପରାଜିତାଙ୍କ କ୍ୟାମ୍ପର ଟଣାଓଟରା ବି ଚାଲିଥିଲା । କିନ୍ତୁ ଶେଷରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଅପରାଜିତାଙ୍କ ଇଶାରାରେ ପ୍ରସ୍ତୁତ ତାଲିକା ଉପରେ ମୋହର ଲଗାଇଛନ୍ତି ।

ଗାଏମୋଟ୍ ଦେଖିଲେ ଅପରାଜିତାଙ୍କ ହାତରେ ହିଁ ଖୋର୍ଦ୍ଧାର ମଙ୍ଗ ଧରାଯାଇଛି । ଗଣେଶ ଜଗଦ୍ଦେବଙ୍କୁ ଦଳ ପକ୍ଷରୁ ବେଗୁନିଆ ମନା କରିଦିଆଯିବା ପରେ ଅପରାଜିତାଙ୍କ କ୍ୟାମ୍ପ ଟିକେ ଦୁର୍ବଳ ହୋଇପଡ଼ିଛି ବୋଲି ଚର୍ଚ୍ଚା ହେଉଥିଲା । ଯତୀନ ମହାନ୍ତିଙ୍କ ଠାରୁ ନେଇ ପ୍ରକାଶ ବିଜୁଳିଙ୍କ ପର୍ଯ୍ୟନ୍ତ, ସମସ୍ତେ ଏମିତି ବାର୍ତ୍ତା ହିଁ ଦେଉଥିଲେ । ଏମିତିକି ବୋଲଗଡ଼ ବିଡ଼ିଓଙ୍କୁ ନେଇ ବି ବେଗୁନିଆ ରାଜନୀତି ସରଗରମ ହୋଇଯାଇଥିଲା । ହେଲେ ଶେଷରେ ଅପରାଜିତା ନିଜର ଶକ୍ତି ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । ଯତୀନ ଓ ପ୍ରକାଶଙ୍କ ସବୁ ଚାଲକୁ ଭଣ୍ଡୁର କରିଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ବିଜେପିରେ ଏବେ ଅପରାଜିତାଙ୍କ ଅନୁଗତ ତଥା ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଦବଦବା ଢେର ବଢ଼ିଯାଇଛି । ବିଜେଡ଼ିରୁ ଆମଦାନୀ ନେତାମାନେ ଏବେ ଜିଲ୍ଲା ବିଜେପି ଟିମ୍‌ରେ ପ୍ରାଧାନ୍ୟ ବିସ୍ତାର କରୁଥିବା ଦେଖିବାକୁ ମିଳିଛି ।

ଜିଲ୍ଲା ବିଜେପି ଟିମ୍ ପଞ୍ଚାୟତ ନିର୍ବାଚନ ପାଇଁ ବି ବାର୍ତ୍ତା ଦେଇଛି । ଆଗାମୀ ଦିନରେ ବେଗୁନିଆ ଓ ଖୋର୍ଦ୍ଧାରେ ଗଣେଶଙ୍କ ସମର୍ଥକମାନେ ହିଁ ଜିଲ୍ଲା ପରିଷଦ ଟିକେଟ୍ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଯତୀନ ଏବେ ରାଜ୍ୟ ଉପସଭାପତି ଥିଲେ ବି ନିଜ ଅନୁଗତଙ୍କୁ ଟିମ୍‌ରେ ସାମିଲ୍ କରିପାରିନାହାନ୍ତି । ତେଣୁ ଆଗାମୀ ଦିନରେ ତାଙ୍କର ଅନୁଗତମାନେଯେ, ଜିଲ୍ଲା ପରିଷଦ ଟିକେଟ୍ ପାଇବେ ଭାବିବା ବୋକାମୀ ହେବ । ଖୋର୍ଦ୍ଧା ବିଜେପିରେ ସମସ୍ତେ ନୂଆ ଟିମ୍ ଗଠନକୁ ଅପେକ୍ଷା କରିଥିଲେ। ବିଶେଷକରି ବେଗୁନିଆ-ବୋଲଗଡ଼ର ଅନେକ ପୁରୁଣା ନେତା ପଦପଦବୀ ପାଇବେ ବୋଲି ଆଶା ରଖିଥିଲେ। ଯତୀନ ବି ଦଳରେ ଖେଳ କରିଥିଲେ। ତାଙ୍କୁ ବି ରାଜ୍ୟ ବିଜେପିର ଅନେକ ନେତା ସମର୍ଥନ କରୁଥିଲେ। ଯାହାକୁ ନେଇ ବିଶ୍ୱରଞ୍ଜନଙ୍କ ତାଲିକା ଅଟକି ଯାଇଥିଲା। କିନ୍ତୁ ଅପରାଜିତା ସିଧାସଳଖ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଫୋନ୍ କରି ତାଙ୍କ ତାଲିକା ଫାଇନାଲ୍ କରିବାକୁ କହିଥିଲେ। ଟାଣୁଆ ସାଂସଦ ହୋଇଥିବାରୁ ମନମୋହନ ବି ତାଲିକାକୁ ସ୍ୱୀକୃତି ଦେଇଥିଲେ । ଯାହାଫଳରେ ଗଣେଶଙ୍କ ସମର୍ଥକମାନେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି । ଦଳ ମନା କରିଥିବାରୁ ସେ ସିଧାସଳଖ ବେଗୁନିଆ ଯାଇ ସଂଗଠନ କରିପାରୁନଥିଲେ। ହେଲେ ଏବେ ସେ ଅପରାଜିତାଙ୍କ ସହ ଯାଇ ବେଗୁନିଆ ସଂଗଠନକୁ ହାତମୁଠାରେ ରଖିବାକୁ ଚାହୁଁଛନ୍ତି । ସେହିପରି ତାଙ୍କ ଅନୁଗତମାନେ ପଦପଦବୀ ପାଇଥିବାରୁ ଅତିଥି ଭାବେ ସେ ଏରିଆ ବୁଲି ପତିଆରା ବିସ୍ତାର କରିପାରିବେ। ଯାହାକୁ ନେଇ ଯତୀନ୍- ପ୍ରକାଶଙ୍କ ଗୋଷ୍ଠୀ ଟେନସନରେ ପଡ଼ିଯାଇଛନ୍ତି। ଏମିତିକି ଠିକା କାମଦାମକୁ ନେଇ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଜାଣିବାକୁ ମିଳିଛି। ଏହି ମଉକାରେ ଗଣେଶ ବି ନୂଆ ରଣନୀତି ଆରମ୍ଭ କରିଦେଲେଣି। ନୂଆବର୍ଷ ବନ୍ଧୁମିଳନ ଆଳରେ ଏବେ ଗଣେଶ ବେଗୁନିଆରେ ସଂଗଠନ କରିବାକୁ ଯୋଜନା କରିଛନ୍ତି। ଆଗାମୀ ନିର୍ବାଚନରେ ଅପରାଜିତା ଯଦି ବିଧାନସଭା ନିର୍ବାଚନ ଲଢ଼ିବାକୁ ଚାହାଁନ୍ତି ତେବେ ବେଗୁନିଆ କିମ୍ବା ଖୋର୍ଦ୍ଧାକୁ ହିଁ ପସନ୍ଦ କରିବେ। ୨୦୨୯ ପାଇଁ ଅପରାଜିତା ଏମିତି ହିଁ ରଣନୀତି କରୁଥିବା ବିଜେପିର ନେତାମାନେ ପ୍ରକାଶ କରିଛନ୍ତି ।

ସବୁଠାରୁ ଚର୍ଚ୍ଚାରେ ଅଛନ୍ତି ବିଦ୍ୟୁତ୍ କାଣ୍ଡି । କାହିଁକିନା ତାଙ୍କୁ ସାଧାରଣ ସମ୍ପାଦକ କରିବା ନେଇ ଛକାପଞ୍ଝା ଚାଲିଥିଲା । ଏବେ ସେ ବେଗୁନିଆରେ ହିଁ ସଂଗଠନ କରିବେ । ଫଳରେ ଆଗାମୀ ଦିନରେ ବେଗୁନିଆ ବିଜେପି ରାଜନୀତି ବେଶ୍ ସରଗରମ ହେବ।

ବିଜେପିରେ ଚାଲିଥିବା ଏହି ବାଦୀପାଲା କିନ୍ତୁ ବିଜେଡ଼ି ବିଧାୟକ ପ୍ରଦୀପ ସାହୁଙ୍କୁ ବେଶ୍ ସୁହାଇବ । ଏମିତିବି ତାଙ୍କର ପୁରୁଣା କଂଗ୍ରେସ ପଟୁ କୋଡ଼ିଏ ପଚିଶ ହଜାର ପକେଟ୍ ଭୋଟ୍ ଥିବାବେଳେ ଏବେ ବିଜେଡ଼ିର ପୁରୁଣା ନେତାବି ପ୍ରଦୀପଙ୍କୁ ଫୁଲଦମରେ ସହଯୋଗ କରୁଛନ୍ତି। ଯଦି ବିଜେପି ଏମିତି ଖଣ୍ଡ ଖଣ୍ଡ ହୋଇଚାଲେ ତେବେ ପଞ୍ଚାୟତ ନିର୍ବାଚନବେଳେ ପାଖୁଡ଼ା ଖସିଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଆଉ ସବୁଠାରୁ ବଡ଼ କଥାଟି ହେଉଛି, ସବୁଜ ବିଜେଡ଼ିକୁ ଗେରୁଆ ବିଜେପି କରିବାର ଯେଉଁ ରୂପାନ୍ତରଣ ଚାଲିଛି, ସେ ରଙ୍ଗ କେତେଦିନ ରହିବ ତାହା ସମୟ ହିଁ କହିବ।

ବିଶ୍ୱରଞ୍ଜନ ବଡ଼ଜେନା ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ଅଛନ୍ତି। ତାଙ୍କ ନୂଆ ଟିମ୍‌ରେ ଉପସଭାପତି ଭାବେ ନରେନ୍ଦ୍ର ବଡ଼ଜେନା, ପ୍ରତାପ ଚନ୍ଦ୍ର ମହାପାତ୍ର, ରୋଜିନରାଣୀ ଦାସ, ପ୍ରଫୁଲ୍ଲ ଦଳାଇ, ଦିଲ୍ଲୀପ କୁମାର ହୋତା, ସୁଶାନ୍ତ କୁମାର ନାଥ, ବାସୁଦେବ ସାହୁ ଓ ବିଜୟ ବିଶ୍ୱାଳ ଅଛନ୍ତି । ସେହିପରି ସାଧାରଣ ସମ୍ପାଦକ ରହିଛନ୍ତି, ମନୋଜ କିଶୋର ନନ୍ଦ, ଦୁଷ୍ମନ୍ତ ହରିଚନ୍ଦନ ଓ ବିଦ୍ୟୁତ୍ କାଣ୍ଡି । ଅପରପକ୍ଷରେ ଲିଟୁ ରଞ୍ଜନ ରାଉତରାୟ, ସ୍ମୃତିରେଖା ମହାରଥି, ଜ୍ୟୋସ୍ନାରାଣୀ ଜେନା, ଅନାଦି ସାହୁ, ସୁମିତ୍ରା ବାହିନୀପତି, ମାନସ ମହାପାତ୍ର, ଜ୍ୟୋସ୍ନାରାଣୀ ବେହେରା ଓ ରବି ନାରାୟଣ ମିଶ୍ରଙ୍କୁ ସମ୍ପାଦକ କରାଯାଇଛି । ଯେତେବେଳେକି ଦୁର୍ଗାମାଧବ ବଳିୟାରସିଂହଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି ।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA





ଭାରତରେ ପ୍ରଥମ ଥର ୨ ଟଙ୍କିଆ ଚାଉଳ ଯୋଜନା

ମାଗଣା ଆହାର କେନ୍ଦ୍ର ପ୍ରତିଷ୍ଠା

କୃଷି ଶ୍ରମିକଙ୍କୁ ମାସିକ ଶହେ ଟଙ୍କା ଭତ୍ତା


ଭାରତର ପ୍ରଥମ ହସ୍ତୀ ଅଭୟାରଣ୍ୟ ପ୍ରତିଷ୍ଠା

ପୁରୀ-କୋଣାର୍କ-ଭୁବନେଶ୍ୱର ସ୍ୱର୍ଣ୍ଣ ତ୍ରିଭୁଜର ପରିକଳ୍ପନା

ରାଜ୍ୟରେ ୧୨ ଅଭୟାରଣ୍ୟ ସୃଷ୍ଟି

**ସେ ଥିଲେ ପ୍ରବୀଣ, ସେ ଥିଲେ ଧୂରୀଣ । ଶବ୍ଦକୁ ଶବ୍ଦରେ ଛନ୍ଦି ଯେମିତି ସାହିତ୍ୟ ରଚନା କରୁଥିଲେ, କର୍ମୀଙ୍କୁ କର୍ମୀଙ୍କ ସହ ବାନ୍ଧି ସେମିତି ଗଡ଼ ଜୟ କରୁଥିଲେ । ବଡ଼ ବଡ଼ ରାଜନୀତିକ ହସ୍ତୀଙ୍କୁ ବି ପରାହତ କରିଥିଲେ ସେ । ଅନେକ ବିବାଦ, ଅନେକ ବାଦ, ଅନେକ ପ୍ରତିବାଦ; ତଥାପିବି ଆଗେଇ ଚାଲିଥିଲେ ଜାନକୀ । ଜନ୍ମ ଶତବାର୍ଷିକୀରେ ସମସ୍ତେ ତାଙ୍କୁ ମନେ ପକାଇଥିଲେ...**

# ଜନନାୟକ ଜାନକୀ



୧୯୮୦ରେ ଲୋକସଭା ସାଂସଦ ହେବା ସହ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ କେନ୍ଦ୍ରମନ୍ତ୍ରୀ ଥିଲେ । ୧୯୮୦ରେ ଜାନକୀ ବାବୁଙ୍କ ନେତୃତ୍ୱରେ ରାଜ୍ୟରେ କଂଗ୍ରେସ ୧୧୭ ଆସନ ପାଇଥିଲା । ଇନ୍ଦିରାଙ୍କ ପରାମର୍ଶ କ୍ରମେ ସେ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୮୫ରେ ବି ଜାନକୀଙ୍କ ନେତୃତ୍ୱରେ କଂଗ୍ରେସ ୧୧୭ ଆସନ ପାଇଥିଲା । ପୁଣିଥରେ ହାଇକମାଣ୍ଡଙ୍କ ନିଷ୍ପତ୍ତି କ୍ରମେ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ ।୧୯୯୫ରେ ଜାନକୀଙ୍କ ନେତୃତ୍ୱରେ କଂଗ୍ରେସ ୮୦ ଆସନରେ ବିଜୟୀ ହୋଇ ରାଜ୍ୟରେ ସରକାର ଗଢ଼ିଥିଲା । ତେବେ ୧୯୯୯ ମସିହା ଫେବୃଆରୀ ୧୧ରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ନବୀନଙ୍କ ପୂର୍ବରୁ ରାଜ୍ୟର ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ହେବାର ରେକର୍ଡ଼ ଜାନକୀଙ୍କ ନାମରେ ହିଁ ରହିଥିଲା ।

## ୫ ଥର ବିଧାୟକ, ୨ ଥର ସାଂସଦ

ଜାନକୀ ବାବୁ ୧୯୭୧ରେ କଟକରୁ ପ୍ରଥମ ଥର ପାଇଁ ଲୋକସଭାକୁ ଯାଇଥିଲେ । ୧୯୮୦ରେ ଦ୍ୱିତୀୟ ଥର ପାଇଁ ସେ କଟକ ସାଂସଦ ହୋଇଥିଲେ । ତେବେ ଓଡ଼ିଶାରେ କଂଗ୍ରେସ ୧୯୮୦ ନିର୍ବାଚନ ଜିଣିବାରୁ ଜାନକୀ ବାବୁ ହିଁ ମୁଖ୍ୟମନ୍ତ୍ରୀ ହୋଇଥିଲେ ।ତେଣୁ ତାଙ୍କୁ ଆଠଗଡ଼ରୁ ଉପନିର୍ବାଚନ ଲଢ଼ିବାକୁ ପଡ଼ିଥିଲା । ପ୍ରଥମ ଥର ପାଇଁ ସେ ବିଧାନସଭାକୁ ଆସିଥିଲେ । ଏହାପରେ ୧୯୮୫ରେ ସେ ଉଭୟ ଆଠଗଡ଼ ଓ ଖୋର୍ଦ୍ଧାରୁ ଜିଣିଥିଲେବି ଆଠଗଡ଼ ଆସନକୁ ରଖି ଖୋର୍ଦ୍ଧା ଆସନଟିକୁ ଛାଡ଼ି ଦେଇଥିଲେ । ୧୯୯୫ରେ ସେ ପୁଣିଥରେ ଉପନିର୍ବାଚନ ଲଢ଼ି ବାଜିମାତ୍ କରିବା ସହ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୨୦୦୪ରେ ବି ସେ ବେଗୁନିଆରୁ ବିଜୟୀ ହୋଇ ବିରୋଧୀ ଦଳ ନେତା ହୋଇଥିଲେ ।



ରାଜ୍ୟ ରାଜନୀତିରେ ଅନେକଙ୍କ ପାଇଁ ଜାନକୀବଲ୍ଲଭ ଥିଲେ ପ୍ରେରଣାଦାୟୀ ଗୁରୁ : ମୋହନ

ଧୈର୍ଯ୍ୟ ଓ ସାଂଗଠନିକ ଦକ୍ଷତା ଜାନକୀ ବାବୁଙ୍କ ସମ୍ପତ୍ତି : ନବୀନ



## ମନେରହିବେ ଜାନକୀ

| | |
|---|---|
| ୧୯୭୩ରେ ପ୍ରତିରକ୍ଷା ଉପମନ୍ତ୍ରୀ ହେବାପରେ ଓଡ଼ିଶା କୋଟାରେ ପ୍ରତିବର୍ଷ ୨ ହଜାରରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ନିଯୁକ୍ତି ପାଇଲେ | ୧୯୯୬ରେ ନୂଆ ଜଗନ୍ନାଥ ସଡ଼କ ପ୍ରତିଷ୍ଠା |
| ୧୯୮୦ରେ ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ସିଧାସଳଖ ରେଳ ଓ ବିମାନ ଚଳାଚଳ | କଳିଙ୍ଗ ଷ୍ଟାଡ଼ିୟମ୍ ଓ କଟକ ଇନଡ଼ୋର ଷ୍ଟାଡ଼ିୟମ୍ ପ୍ରତିଷ୍ଠା |
| କୁକୁଡ଼ା ଚାଷକୁ ଶିଳ୍ପର ମାନ୍ୟତା ପ୍ରଦାନ | ଓଡ଼ିଆ ହେଲା ସରକାରୀ ଭାଷା |
| ଦୁଗ୍ଧ ଚାଷୀଙ୍କୁ ନେଇ ଓମ୍‌ଫେଡ଼ ଗଠନ | କଳିଙ୍ଗ ଷ୍ଟୁଡ଼ିଓର ଶୁଭାରମ୍ଭ |
| ହଜାରେ ଦିନରେ ହଜାରେ କୋଟିରେ ହଜାରେ ଶିଳ୍ପ ପ୍ରତିଷ୍ଠା | ହଲ୍‌ରେ ଓଡ଼ିଆ ସିନେମା ବାଧ୍ୟତାମୂଳକ |
| ଶକ୍ତି ସଂସ୍କାର ପାଇଁ ଓଡ଼ିଶା ବଳକା ବିଦ୍ୟୁତ୍ ରାଜ୍ୟରେ ପରିଣତ | ୩ ହଜାର ହାଇସ୍କୁଲ ଓ ୪୦ ହଜାର ପ୍ରାଥମିକ ବିଦ୍ୟାଳୟ ସରକାରୀ ହେଲା |
| କୋଣାର୍କ ଟିଭି ଭାରତ ବିଖ୍ୟାତ ହୋଇଥିଲା | ସବୁ ପ୍ରାଥମିକ ଶିକ୍ଷକଙ୍କୁ ସରକାରୀ ଘୋଷଣା |

## ଦୁଇ ଚର୍ଚ୍ଚିତ ପରାଜୟ

ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶା କ୍ଷମତା ରାଜନୀତିର ଅନ୍ୟତମ ସ୍ତମ୍ଭିତ ଉଚ୍ଚାରଣ । ନବୀନ ପଟ୍ଟନାୟକଙ୍କ ପରେ ଜେବି ହିଁ ଓଡ଼ିଶା କ୍ଷମତା ରାଜନୀତିକୁ ସର୍ବାଧିକ ସମୟ ନିଜ ପାଖରେ ରଖି ପାରିଛନ୍ତି । ପ୍ରଜାତନ୍ତ୍ର ସମୟରେ ହରେକୃଷ୍ଣ ମହତାବଙ୍କ ଅଧିନରେ ସେ କାମ କରୁଥିଲେ । ମହତାବ ସେତେବେଳେ କଂଗ୍ରେସ ଛାଡ଼ି ଜନକଂଗ୍ରେସ ଗଠନ କରିଥିଲେ । ସେ ସମୟରେ ଜାନକୀ ବଲ୍ଲଭ ପଟ୍ଟନାୟକ ଶ୍ରୀ ମହତାବଙ୍କ ସହ ଜନକଂଗ୍ରେସରେ ଯୋଗ ଦେଇଥିଲେ । ଅବଶ୍ୟ ପରେ ସେ କଂଗ୍ରେସକୁ ଫେରି ରାଜ୍ୟ କଂଗ୍ରେସକୁ ହାତମୁଠାରେ ରଖିବାରେ ସମର୍ଥ ହୋଇଥିଲେ । ତେବେ ମୁଖ୍ୟମନ୍ତ୍ରୀତ୍ୱ ପରେ ତାଙ୍କର ଦୁଇଟି ପରାଜୟ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା । ୧୯୯୧ରେ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଠାରୁ କଟକ ଲୋକସଭା ଆସନରୁ ଓ ୨୦୦୦ରେ ବିଜେଡ଼ିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଠାରୁ ଆଠଗଡ଼ରେ ପରାସ୍ତ ହୋଇଥିଲେ । ଅବଶ୍ୟ ବେଗୁନିଆ ଛାଡ଼ି ଆଠଗଡ଼ରୁ ଲଢ଼ିବା ତାଙ୍କର ଭୁଲ ନିଷ୍ପତ୍ତି ଥିଲା ବୋଲି ପରେ ଜାନକୀବାବୁ ସ୍ୱୀକାର କରିଥିଲେ ।

## ସଂକ୍ଷେପରେ ଜାନକୀ

ପ୍ରକୃତ ଜନ୍ମ : ୧୯୨୩, ସେପ୍ଟେମ୍ବର ୨୮
ସାର୍ଟିଫିକେଟ୍ : ୧୯୨୭, ଜାନୁଆରୀ ୩
ମୃତ୍ୟୁ : ୨୦୧୫, ଅପ୍ରେଲ ୨୧

ଠିକଣା : ରାମେଶ୍ୱର, ଖୋର୍ଦ୍ଧା

ଶିକ୍ଷା : ରାଜନୀତି ବିଜ୍ଞାନରେ ଏମଏ

| | |
|---|---|
| ୧୯୪୨ | ଅଗଷ୍ଟ ବିପ୍ଳବରେ ଅଂଶଗ୍ରହଣ |
| ୧୯୪୭ | ରେଭେନ୍ସାରେ ୟୁନିୟନ୍ ଜ୍ୟାକ୍ ହଟାଓ ଆନ୍ଦୋଳନ |
| ୧୯୫୧ | ଯୁବକଂଗ୍ରେସ ସଭାପତି |
| ୧୯୫୨ | ‘ପ୍ରଜାତନ୍ତ୍ର’ର ସମ୍ପାଦକ |
| ୧୯୫୬ | ମଧୁପୁର ପ୍ରଜା ଆନ୍ଦୋଳନରେ ସାମିଲ୍ |
| ୧୯୬୪ | ୫୮ ଦିନ ଧରି ଚାଲିଥିବା ଛାତ୍ର ଆନ୍ଦୋଳନର ନିୟନ୍ତ୍ରଣ |
| ୧୯୬୭ | ପ୍ରକାଶ ପାଇଲା ‘ପୌରୁଷ’ |
| ୧୯୭୧ | କଟକରୁ ସାଂସଦ ଭାବେ ନିର୍ବାଚିତ |
| ୧୯୭୩ | ଇନ୍ଦିରାଙ୍କ ସରକାରରେ ଉପମନ୍ତ୍ରୀ |
| ୧୯୭୮ | ପ୍ରଦେଶ କଂଗ୍ରେସ ସଭାପତି |
| ୧୯୮୦ | ଇନ୍ଦିରାଙ୍କ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ |
| ୧୯୮୦ | ପ୍ରଥମ ଥର ମୁଖ୍ୟମନ୍ତ୍ରୀ |
| ୧୯୮୫ | ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ |
| ୧୯୮୬ | ଭର୍ତ୍ତୃହରିଙ୍କ ରଚିତ ‘ବୈରାଗ୍ୟ ଶତକ’ର ଓଡ଼ିଆ ଅନୁବାଦ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର |
| ୧୯୯୨ | ପ୍ରଦେଶ କଂଗ୍ରେସ ସଭାପତି |
| ୧୯୯୫ | ମାର୍ଚ୍ଚ ୧୫ରେ ତୃତୀୟ ଥର ମୁଖ୍ୟମନ୍ତ୍ରୀ |
| ୧୯୯୬ | ତିରୁପତିରୁ ପ୍ରଜ୍ଞାନ ବାଚସ୍ପତି ଉପାଧି |
| ୨୦୦୧ | ବଙ୍କିମ ଉପନ୍ୟାସମାଳାର ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର |
| ୨୦୦୪ | ବିରୋଧୀ ଦଳ ନେତା |
| ୨୦୦୫ | ତିରୁପତି ଶାସ୍ତ୍ରୀୟ ସଂଗୀତ ବିଶ୍ୱବିଦ୍ୟାଳୟର କୁଳାଧିପତି |
| ୨୦୦୯ | ଡିସେମ୍ବର ୧୧ରେ ରାଜ୍ୟପାଳ |

# ବିଜେପିର 'ବିଜୁ' ଫର୍ମୁଲା

ଦିନେ କୁଆଡ଼େ ବିଜୁବାବୁ କହିଥିଲେ, ଅମାନିଆ ଅଫିସରଙ୍କୁ ମାଡ଼ ଦିଅ। ସେତେବେଳେ ବିଜୁଙ୍କ ମାଡ଼ ତତ୍ତ୍ୱକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ବିଜୁବାବୁ କେମିତି ହଲାପଟା ହୋଇଥିଲେ ତାହା ସମସ୍ତେ ଜାଣନ୍ତି। ବିଜୁଙ୍କ ଉପରେ ଅଫିସରମାନଙ୍କ ଅସନ୍ତୋଷ, ୧୯୯୫ରେ ବିଜୁବାବୁଙ୍କ ପରାଜୟର ଅନ୍ୟତମ କାରଣ ବୋଲି କୁହାଯାଏ। ଏବେ ବିଜେପି ସରକାରକୁ ଆସିବା ପରେ ବିଜେପିର କିଛି କାର୍ଯ୍ୟକର୍ତ୍ତା ଓ ନେତା ବିଜୁଙ୍କ ଫର୍ମୁଲାକୁ ଫୁଲଦମ୍‌ରେ ପ୍ରୟୋଗ କରିବାରେ ଲାଗି ପଡ଼ିଛନ୍ତି। ଭୁବନେଶ୍ୱରରୁ ନେଇ ରାଜନଗର ଯାଏଁ ଆମେ ଏହାର ନଜିର ଦେଖିସାରିଛେ। ଯାହାକୁ ନେଇ ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି।

ବିଜେପି କାର୍ଯ୍ୟକର୍ତ୍ତାଙ୍କ ଧାରଣା, ଆମ ସରକାରମାନେ ଆମେ ଯାହା ଚାହିଁବୁ ତାହା କରିବୁ। ଗାଏମୋଟ୍ କହିଲେ ସେମାନଙ୍କ ମତରେ ନେତା ବଡ଼, ଅଫିସର ଛୋଟ। ଆମ ଅଫିସରମାନେ କିନ୍ତୁ ଗତ ଦଶନ୍ଧି ଧରି ନେତା ଛୋଟ, ଅଫିସର ବଡ଼ ଫର୍ମୁଲାରେ ମାଡ଼ି ଚାଲିଥିଲେ। ସେ ହ୍ୟାଙ୍ଗଓଭର ବି କିଛି ଅଫିସରଙ୍କର ଯାଇନଥିବା ଦେଖିବାକୁ ମିଳିଛି। ସେମାନେ ସେତେବେଳେ ବିଜେଡ଼ି ନେତାଙ୍କ କଥା ଶୁଣୁଥିଲେ, ଏବେବି ଶୁଣୁଛନ୍ତି। ଯାହାକି ବିଜେପି ନେତା ଓ କର୍ମୀଙ୍କ ମନରେ ନିଆଁ ଲଗାଇଦେଇଛି।




ବିଶେଷକରି ଯେଉଁସବୁ ସ୍ଥାନରେ ବିଜେପି ପ୍ରାର୍ଥୀ ହାରି ଯାଇଛନ୍ତି ସେହିସବୁ ସ୍ଥାନରେ ଏଭଳି ଅକଳିଆ ପରିସ୍ଥିତି ସୃଷ୍ଟିହୋଇଛି।

ଅବଶ୍ୟ ବିଜେପି ନେତାମାନେ ଷୋଳ ଅଣା ଠିକ୍ ଆଉ ଅଫିସରମାନେ ପୂରା ଭୁଲ୍ ଏକଥା ବି ନୁହେଁ। ପ୍ରଶାସନ ଏକ ବିଧିବ୍ୟବସ୍ଥାରେ ଚାଲେ। ହେଲେ କିଛି ବହକାଲିଆ ବିଜେପି ନେତା ଓ କର୍ମୀମାନେ ନିଜକୁ ବହୁତ ବଡ଼ ଭାବି ନେଉଛନ୍ତି। ସେମାନେ ଭାବିଛନ୍ତି, ଆମ ସରକାରମାନେ ବିଡ଼ିଓ, ତହସିଲଦାରମାନେ ଆମ ହିସାବରେ ଚାଲିବେ। ଆଇଆଇସି ଆମ କଥା ହିଁ ଶୁଣିବେ। ହଇଓ ବାବୁ, ପଞ୍ଚାୟତରେ ତ ତମର ସରପଞ୍ଚ ନାହାନ୍ତି। ସେଠି କ'ଣ ଜଣେ ବିଡ଼ିଓ କି ଅନ୍ୟ କୌଣସି ଅଧିକାରୀ ସରପଞ୍ଚର କଥାନଶୁଣି କେବଳ ତମ କ'ଥା ଶୁଣିବେ କି ? ଅବଶ୍ୟ କିଛି କିଛି ବିଜେପି ନେତା ନିଜ ହିସାବରେ ବିଡ଼ିଓମାନଙ୍କୁ ବଦଳି କରି ପତିଆରା ଜାହିର କରିବାରେ ସକ୍ଷମ ହୋଇଛନ୍ତି। ସେଭଳି ନକରି ଅଫିସରଙ୍କୁ ମାରଧର କରି ବିଜେପି ନେତାମାନେ କି ବାର୍ତ୍ତା ଦେଉଛନ୍ତି। ଏହାଦ୍ୱାରା ମୋହନ ସରକାର ହିଁ ଅପଦସ୍ତ ହେଉଛନ୍ତି। ଯାହାକି ସରକାରଙ୍କ ପ୍ରତି ଅଫିସରଙ୍କ ରୋଷ ବୃଦ୍ଧିକରୁଛି। ଯଦି ବିଜେପି ନେତା ଓ କର୍ମୀମାନଙ୍କ କଥା ବିଡ଼ିଓ କି ଅନ୍ୟ କୌଣସି ସରକାରୀ ଅଧିକାରୀ ରଖୁନାହାନ୍ତି ସେମାନେ ଚାହିଁଲେ ମୋହନ ନଚେତ୍ ମନମୋହନଙ୍କ ପାଖରେ ଫେରାଦ ହୋଇପାରିବେ। ଏନେଇ କିଛି ଅଲିଖିତ ନିର୍ଦ୍ଦେଶନାମା ବି ଜାରି ହୋଇପାରିବ। ଯେମିତିକି ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ କରାଯାଇଛି। ସରପଞ୍ଚ, ବିଧାୟକ, ବିଜେପି ଜିଲ୍ଲା ସଭାପତି ଆଉ ଜିଲ୍ଲାପାଳଙ୍କ ଭିତରେ ଏନେଇ ବୁଝାମଣାର ବାଟ ବି ବାହାରିସାରିଛି।

ଏମିତିବି ଚାହୁଁଚାହୁଁ ସରକାରଙ୍କୁ ୧୮ ମାସ ପୂରି ୧୯ ମାସ ଚାଲିଲାଣି। ଆଉ ବର୍ଷକ ପରେ ପଞ୍ଚାୟତ ଓ ପୌର ନିର୍ବାଚନ। ଯଦି ବିଜେପି ନେତା କି କର୍ମୀ ନିଜକୁ ଶକ୍ତିଶାଳୀ ଭାବୁଛନ୍ତି ତାହେଲେ ପଞ୍ଚାୟତ ନିର୍ବାଚନରେ ଦମ୍ ଦେଖାନ୍ତୁ। ଯେତେବେଳେ ବିଜେପିର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ, କାଉନସିଲର ଓ କର୍ପୋରେଟର ଭାବେ ଅଧିକ ସଂଖ୍ୟାରେ ଜିଣିବେ ଆପେଆପେ ସେମାନଙ୍କ ହାତକୁ କ୍ଷମତା ଆସିଯିବ। ତାହା ନ କରି ଯଦି ଶୁଖିଲା ବାହାଦୂରୀ ମାରିବେ ତେବେ ଜନତା ହିଁ ତା'ର ବିଚାର କରିବେ।


# ବ୍ୟାନର କହିଲା ଗୁମର କଥା

**ଫଟୋ ଯେମିତି ହଜାରେ କଥା କହେ, ନେତାଙ୍କ ବ୍ୟାନର ବି ସେମିତି ଅନେକ ଗୁମର ଖୋଲେ। ନୂଆବର୍ଷ ବ୍ୟାନର ହେଉ ଅବା ଦଶହରା ବ୍ୟାନର, ଦଳରେ ଫାଟ, ଗୋଷ୍ଠୀକନ୍ଦଳ, ଅନ୍ତର୍ଦ୍ୱନ୍ଦ୍ୱ ସବୁ ପଦାରେ ପଡ଼ିଯାଏ। ଏସନ ନୂଆବର୍ଷ ବ୍ୟାନରରେ ବି ସାରା ରାଜ୍ୟରେ ତିନି ଦଳର ଏମିତି ଦୃଶ୍ୟ ଦେଖିବାକୁ ମିଳିଛି।**

ଦିନ ଥିଲା ବିଜେଡ଼ି ବ୍ୟାନରରେ ନବୀନ ପଟ୍ଟନାୟକ ଓ ପ୍ରଣବ ପ୍ରକାଶ ଦାସଙ୍କ ଫଟୋ ରଖି ନେତାମାନେ ଅଭିନନ୍ଦନ ବ୍ୟାନର କରୁଥିଲେ। ଭିକେ ପାଣ୍ଡିଆନ ଶଙ୍ଖ ଫୁଙ୍କିବା ପରେ କେତେକ ନେତା ଫଟୋରେ ନବୀନ-ପାଣ୍ଡିଆନ୍ ନହେଲେ ନବୀନ-ପାଣ୍ଡିଆନ୍-ବବି ଦାସଙ୍କ ଫଟୋ ରଖିଲେ। ଅବଶ୍ୟ ଏବେ ପାଣ୍ଡିଆନ୍ ସନ୍ନ୍ୟାସ ନେଇଥିବାବେଳେ ବବି ଦାସଙ୍କ ପାୱାର କମିଯାଇଛି। ତେଣୁ ଅଧିକାଂଶ ନେତା କେବଳ ନବୀନଙ୍କ ଫଟୋ ହିଁ ବ୍ୟାନରରେ ସ୍ଥାନୀତ କରିଛନ୍ତି। କିଏ ବିଧାୟକଙ୍କ ଫଟୋ ଲଗାଇଥିବାବେଳେ ଆଉ କିଏ ବିଧାୟକଙ୍କ ଫଟୋ ଲଗାଇନାହିଁ। ବ୍ୟାନରରେ କିଏ କେଉଁ ଗୋଷ୍ଠୀର ତାହା ସ୍ପଷ୍ଟ ବାରି ହୋଇପଡ଼ିଛି। ଆଉ କେତେକ ନେତା ସମସ୍ତଙ୍କୁ ଖୁସି କରିବା ପାଇଁ ବ୍ୟାନରରେ ମୁଣ୍ଡ ମାଳ କରି ଦେଇଛନ୍ତି।

ବିଜେପି ନେତାଙ୍କ ବ୍ୟାନରରେ ବି ଠିକ୍ ସେମିତି। କିଏ ସାଂସଦଙ୍କ ଫଟୋ ଲଗାଇଛି ତ କିଏ ବିଧାୟକଙ୍କ ଫଟୋ । କିଛି କିଛି ସ୍ଥାନରେ ନେତାମାନେ ସାଂସଦ ଓ ବିଧାୟକଙ୍କ ଫଟୋ ଏକାଠି ଲଗାଇଛନ୍ତି। ଖାଲି ସେତିକିନୁହେଁ କିଏ କିଏ ଧର୍ମେନ୍ଦ୍ରଙ୍କ ଗୋଷ୍ଠୀରେ ଅଛନ୍ତି ତାହା ବି ବାରି ହୋଇଯାଇଛି। କାହିଁକିନା ସେମାନଙ୍କ ବ୍ୟାନରରେ ଧର୍ମେନ୍ଦ୍ରଙ୍କର ବଡ଼ ବଡ଼ ଫଟୋ ରହିଛି। ସେହିପରି କେତେକ ପୋଷ୍ଟରରେ କେବଳ ମୋହନ, ମନମୋହନ ଓ ମୋଦି ହିଁ ରହିଛନ୍ତି । ଅତଏବ ବିବାଦ ଭିତରକୁ ନଯିବା ପାଇଁ ସେମାନେ ଏଭଳି ଫନ୍ଦି କରିଛନ୍ତି । ଆଗକୁ ନିଗମ ବଣ୍ଟନ ଥିବାରୁ ବିଜେପି ନେତାମାନେ ସବୁ ଦେଖିଚାହିଁ ବ୍ୟାନର କରିଥିବା ଲକ୍ଷ୍ୟ କରାଯାଇଛି । କିଛି ନିର୍ବାଚନମଣ୍ଡଳୀରେ ସାଂସଦ ଓ ବିଧାୟକଙ୍କ ମଧ୍ୟରେ ଥିବା ବିବାଦ ବି ପଦାରେ ପଡ଼ିଛି । କାହିଁକିନା ବିଧାୟକଙ୍କ ବ୍ୟାନରରୁ ସାଂସଦ ଗାଏବ ହୋଇଯାଇଛନ୍ତି ।

କଂଗ୍ରେସ ବ୍ୟାନର ତ ତଦ୍ରୂପ। ଦଳରେ ବହୁ ବଡ଼ ବଡ଼ ନେତାମାନେ ପିସିସି ସଭାପତିଙ୍କ ଫଟୋ ନରଖି କେବଳ ରାହୁଲ ଓ ପ୍ରିୟଙ୍କାଙ୍କ ଫଟୋ ରଖିବାକୁ ପସନ୍ଦ କରିଛନ୍ତି । ଆଉ କିଛି ନେତା ଭକ୍ତ ଦାସ, ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କ ଫଟୋ ଲଗାଇଛନ୍ତି। ଭକ୍ତ ଦାସଙ୍କ ଉପରେ କ୍ଷୁବ୍ଧ ଅନେକ ଯୁବ ଓ ଛାତ୍ର ନେତା ଭକ୍ତଙ୍କ ଫଟୋ ବି ବ୍ୟାନରରେ ଲଗାଇନାହାନ୍ତି। ଗାଏମୋଟ୍ କହିଲେ କଂଗ୍ରେସର ବ୍ୟାନରଗୁଡ଼ିକ ରାହୁଲମୟ ହୋଇଥିବାବେଳେ ବିଜେପି ବ୍ୟାନର ମୋଦିମୟ ଓ ବିଜେଡ଼ି ବ୍ୟାନର ନବୀନମୟ ହୋଇଯାଇଛି ।





# ‘ଘାସଫୁଲ’କୁ ପାରିବ କି ‘ପଦ୍ମଫୁଲ’




ସାରା ଦେଶର ନଜର ଏବେ ପଶ୍ଚିମବଙ୍ଗ ରାଜନୀତି ଉପରେ । ଗତ ବିଧାନସଭା ନିର୍ବାଚନ ବେଳେ ଭଙ୍ଗା ଗୋଡ଼ରେ ‘ପଦ୍ମଫୁଲ’କୁ କିକ୍ ମାରି ଗୋଲପୋଷ୍ଟକୁ ଫିଙ୍ଗି ଦେଇଥିଲେ ମମତା ବାନାର୍ଜୀ। ହେଲେ ବିହାର ବିଜୟ ପରେ ଜୋସରେ ଥିବା ବିଜେପି ଏଥର ପଶ୍ଚିମବଙ୍ଗରେ ମମତାଙ୍କୁ ମାତ୍ ଦେବାକୁ ରଣନୀତି କରିଛି । ବିଶେଷକରି ବିଜେପିର ଚାଣକ୍ୟ ଅମିତ୍ ଶାହା ବଙ୍ଗ ଦଖଲ କରି ପୂର୍ବ ଭାରତକୁ ଗେରୁଆ କରିବାକୁ ସଂକଳ୍ପ ନେଇଛନ୍ତି ।

ସପ୍ତାହକ ତଳେ ଶାହା ଯାଇଥିଲେ କୋଲକାତା। ସେଠାରେ ସେ ପହଁଚିବା ମାତ୍ରେ ସବୁ ନେତାଙ୍କୁ ଡାକି ତାଜା ସୂଚନା ନେଇଥିଲେ। ବୁଥରେ ଦଳର ଶକ୍ତି କେତେ ରହିଛି, ସେନେଇ ରାଜ୍ୟ ନେତା, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓ ଜିଲ୍ଲା ପଦାଧିକାରୀଙ୍କ ଠାରୁ ରିପୋର୍ଟ ଲୋଡ଼ିଥିଲେ। ହେଡ଼ଲାଇନ୍‌ରେ ନରହି ନେତାମାନେ ଗ୍ରାଉଣ୍ଡକୁ ଯିବାକୁ ଶାହାଙ୍କ ନିର୍ଦ୍ଦେଶ ପରେ ଏବେ ବଙ୍ଗ ବିଜେପି ଚଳଚଞ୍ଚଳ ହୋଇଯାଇଛି। କେଉଁ କେଉଁ ଅଞ୍ଚଳରେ ସଂଗଠନ ବଢ଼ି ପାରୁନାହିଁ, ଏହାର କାରଣ କ’ଣ ସବୁର ଟିକିନିଖି ଉତ୍ତର ଚାହିଁଥିଲେ ଶାହ। ଷ୍ଟ୍ରିଟ କର୍ଣ୍ଣର ସଭା ଯଦି ଫଳପ୍ରଦ ନହେଉଛି ତେବେ ଶକ୍ତି କେନ୍ଦ୍ରକୁ ଏକାଠି କରି ସ୍ଥାନୀୟ ଅଞ୍ଚଳରେ ଶକ୍ତି ପ୍ରଦର୍ଶନ କରିବାକୁ ଶାହ ପରାମର୍ଶ ଦେଇଛନ୍ତି। ଦଳର ସଲ୍ଟ ଲେକ୍ ଅଫିସ ଓ ନିକଟସ୍ଥ ହୋଟେଲରେ ସେ ଦଳର ସାଂସଦ, ବିଧାୟକ, କାଉନସିଲରମାନଙ୍କ ସହ ୱାନ-ଟୁ-ୱାନ୍ ଆଲୋଚନା ବି କରିଥିଲେ। ପ୍ରତି ବୁଥ୍‌କୁ ରଣଭୂମିରେ ପରିଣତ କରିବା ପାଇଁ ଶାହ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି । ସବୁଠାରୁ ବଡ଼ କଥା ହେଉଛି ଦୀର୍ଘଦିନ ଧରି କୋଣଠେସା ହୋଇପଡ଼ିଥିବା ପୂର୍ବତନ ରାଜ୍ୟ ସଭାପତି ଦିଲୀପ ଘୋଷଙ୍କ ସହ ବି ସେ ବ୍ୟକ୍ତିଗତ ଭାବେ ଆଲୋଚନା କରିଛନ୍ତି। ସେହିପରି ବିଜେପି ସଭାପତି ସାମିକ ଭଟ୍ଟାଚାର୍ଯ୍ୟଙ୍କ ସହ ଦିଲୀପ ସାକ୍ଷାତ କରି ଦଳ ପାଇଁ କାମ କରିବାକୁ ସଂକଳ୍ପ ନେଇଛନ୍ତି। କେବଳ କୋଲକାତା ଅଞ୍ଚଳରେ ୨୮ ବିଧାନସଭା ଆସନରୁ ୨୨ ଆସନ ହାତେଇବାକୁ ରଣନୀତି କରିବା ପାଇଁ ଶାହ ପରାମର୍ଶ ଦେଇଛନ୍ତି। ଅନୁପ୍ରବେଶକାରୀ ଦଳର ନିର୍ବାଚନୀ ପ୍ରସଙ୍ଗ ହେବବୋଲି ସେ ସୂଚନା ବି ଦେଇଛନ୍ତି। ଦ୍ୱିତୀୟଟି ହେଉଛି ମମତା ସରକାରଙ୍କ ଦୁର୍ନୀତି । ଏହି ଦୁଇ ପ୍ରସଙ୍ଗକୁ କାନ୍ଧେଇ ଆଗେଇ ଯିବାକୁ ସେ ପରାମର୍ଶ ଦେଇଛନ୍ତି ।

୨୦୨୧ରେ ବିଜେପି ୭୭ ବିଧାନସଭା ଆସନ ହାତେଇଥିବା ବେଳେ ୨୦୨୪ ଲୋକସଭା ନିର୍ବାଚନରେ ୩୯% ଭୋଟ୍ ପାଇଛି । ଆଗାମୀ ନିର୍ବାଚନରେ ବିଜେପି ଦୁଇ ତୃତୀୟାଂଶ ଆସନରେ ବାଜିମାତ୍ କରିବ ବୋଲି ଶାହ ଦୃଢ଼ୋକ୍ତି ପ୍ରକାଶ କରିବାକୁ ଭୁଲିନାହାନ୍ତି। ସାଂସଦ ଓ ବିଧାୟକମାନେ ନିଜ ଅଞ୍ଚଳ ସହ ପଡ଼ୋଶୀ ନିର୍ବାଚନମଣ୍ଡଳୀ ଉପରେ ଗୁରୁତ୍ୱ ଦେବାକୁ ସେ ଜୋର୍ ଦେଇଛନ୍ତି । ଏତଦବ୍ୟତୀତ ଆରଏସଏସ ସହ ସୁମନ୍ୱୟ ରକ୍ଷା କରି ସଂଗଠନକୁ ବଢ଼ାଇବା ସହ ବଙ୍ଗ ସଂସ୍କୃତିକୁ ଆଗକୁ ନେବାରେ ବିଜେପି କାର୍ଯ୍ୟକରିବ ବୋଲି କହିଛନ୍ତି। ଶ୍ୟାମ ପ୍ରସାଦ ମୁଖାର୍ଜୀ ପଶ୍ଚିମବଙ୍ଗର ହୋଇଥିବାବେଳେ ଦଳ ସ୍ୱାମୀ ବିବେକାନନ୍ଦଙ୍କୁ ଆଦର୍ଶ ଭାବେ ଗ୍ରହଣ କରିଛି। ଅବଶ୍ୟ ୨୦୨୧ରେ ବି ଶାହ ଆକ୍ରମଣାତ୍ମକ ରଣନୀତି କରିଥିଲେବି ‘ଘାସଫୁଲ’ ଆଗରେ ‘ପଦ୍ମଫୁଲ’ ଫିକା ପଡ଼ିଯାଇଥିଲା ।






# ନୟାଗଡ଼ ବିଜେପିରେ ବାଡ଼ିପାଲା









ନୟାଗଡ଼ ଜିଲ୍ଲାର ରାଜନୈତିକ ଭୂଗୋଳ ଅତି ବିଚିତ୍ର । ଜିଲ୍ଲାରେ ରହିଛି ୪ ବିଧାନସଭା ଆସନ; ରଣପୁର, ନୟାଗଡ଼, ଦଶପଲ୍ଲା ଓ ଖଣ୍ଡପଡ଼ା। ରଣପୁର ଓ ନୟାଗଡ଼ ନିର୍ବାଚନମଣ୍ଡଳୀଟି ପୁରୀ ଲୋକସଭା ନିର୍ବାଚନମଣ୍ଡଳୀରେ ଆସୁଛି। ଯେତେବେଳେକି କନ୍ଧମାଳ ଲୋକସଭା କ୍ଷେତ୍ରରେ ଦଶପଲ୍ଲା ଓ ଖଣ୍ଡପଡ଼ା ବିଧାନସଭା ଆସନଟି କଟକ ଲୋକସଭା ନିର୍ବାଚନମଣ୍ଡଳୀର ଅନ୍ତର୍ଭୁକ୍ତ। ଅର୍ଥାତ୍ ଗୋଟିଏ ଜିଲ୍ଲାରେ ୩ ସାଂସଦ। ତେଣୁ ସାଂସଦ ଗୋଷ୍ଠୀ, ବିଧାୟକ ଗୋଷ୍ଠୀ ଭିତରେ ନୟାଗଡ଼ ବିଜେପି ସନ୍ତୁଳି ହେବା ସ୍ୱାଭାବିକ । ଆସନ୍ତୁ ଜାଣିବା ଲୋକସଭା ଓ ବିଧାନସଭା ନିର୍ବାଚନରେ ବିଜେପିର କ'ଣ ସ୍ଥିତି ରହିଥିଲା। ଆମ ରିପୋର୍ଟରେ ଆମେ ଲୋକସଭା ନିର୍ବାଚନରେ ଇଭିଏମରୁ ମିଳିଥିବା ଭୋଟ ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରିଛୁ । ପୋଷ୍ଟାଲ ବାଲାଟ୍ ଭୋଟ ଆମେ ଦର୍ଶାଇନାହୁଁ।

ଗତ ୨୦୨୪ ନିର୍ବାଚନରେ ଦଶପଲ୍ଲାରୁ ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ ୬୮୩୬୯ ଖଣ୍ଡ ଭୋଟ୍ ପାଇଥିଲେ। ଯେତେବେଳେକି ବିଜେପିର ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକଙ୍କୁ ୫୫୭୪୩ ଖଣ୍ଡ ଭୋଟରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ସେଠାରେ ବିଜେଡ଼ି ନେତା ରମେଶ ଚନ୍ଦ୍ର ବେହେରା ବାଜିମାତ୍ କରିଥିଲେ। ଅତଏବ ବିଧାନସଭାରେ ବିଜେପି ହାରିଥିଲେବି ଲୋକସଭାରେ ଦଶପଲ୍ଲାରେ ବିଜେପି ଜିଣିଥିଲା। ଏବେ ଦଶପଲ୍ଲାରେ ସୁକାନ୍ତ ଓ ରାଘବ ଭିନ୍ନଭିନ୍ନ ଗୋଷ୍ଠୀ କରି ସଂଗଠନ ଜାରି ରଖିଛନ୍ତି। ଯାହାକି ପଞ୍ଚାୟତ ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି।

ଖଣ୍ଡପଡ଼ାରୁ କଟକ ସାଂସଦ ଭର୍ତ୍ତୃହରି ମହତାବ ୭୯୭୬୭ ଖଣ୍ଡ ଭୋଟ୍ ପାଇଥିଲେ। ବିଜେଡ଼ି ପ୍ରାର୍ଥୀଙ୍କଠାରୁ ସେ ପ୍ରାୟ ୧୫ ହଜାର ଅଧିକ ଭୋଟ୍ ହାସଲ କରିପାରିଥିଲେ। ଅପରପକ୍ଷରେ ଖଣ୍ଡପଡ଼ାରୁ ବିଜେପି ଟିକେଟରେ ବିଧାୟକ ହୋଇଛନ୍ତି ଦୁଷ୍ମନ୍ତ କୁମାର ସ୍ୱାଇଁ। ସେ ୭୫୫୫୭ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କର ଦବଦବା ବଢ଼ିବାରେ ଲାଗିଛି। ଦ୍ୱିତୀୟ ଥର ପାଇଁ ସେ ଯୁବମୋର୍ଚ୍ଚାର ମଙ୍ଗ ଧରିଛନ୍ତି। ଉଭୟ ସଂଘ ଓ ଦଳରେ ତାଙ୍କର ଢେର ପତିଆରା ରହିଛି। ଏମିତିବି ପୂର୍ବରୁ ସେ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ମଙ୍ଗ ଧରିଥିଲେ। ଏବେ ଅଭିଲାଷ ଖଣ୍ଡପଡ଼ାରେ ନିଜର ସଂଗଠନ ଆରମ୍ଭ କରିଦେଇଛନ୍ତି। ଫଳରେ ଦୁଷ୍ମନ୍ତ ଓ ଅଭିଲାଷଙ୍କ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟିହୋଇଛି।

ଏବେ ଆସିବା ରଣପୁର ଆଡ଼କୁ। ରଣପୁରରେ ପୁରୀ ସାଂସଦ ସମ୍ବିତ ପାତ୍ର ୮୪୮୪୧ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଜେପି ବିଧାୟିକା ସୁରମା ପାଢ଼ୀ ୮୧୪୩୯ ଖଣ୍ଡ ଭୋଟ୍ ପାଇ ଭଲଭୋଟରେ ବାଜିମାତ୍ କରିଛନ୍ତି। ସୁରମା ଏବେ ବାଚସ୍ପତି ଥିବାବେଳେ ସମ୍ବିତଙ୍କ ସହ ତାଙ୍କର ଭଲ ସମ୍ପର୍କ ବି ରହିଛି । ହେଲେ ତାପସ ମାର୍ଥାଙ୍କ ସହ ତାଙ୍କର ମୁହାଁମୁହିଁ ସ୍ଥିତି ସୃଷ୍ଟିହୋଇଛି। ଗତ ୨୦୨୪ରେ ବିଜେପି ପ୍ରଥମେ ତାପସଙ୍କୁ ଟିକେଟ୍ ଦେଇଥିଲା। ସୁରମା କ୍ଷୁବ୍ଧ ହୋଇ କେନ୍ଦ୍ରୀୟ ନେତାଙ୍କୁ ଜଣାଇବା ପରେ ତାପସଙ୍କ ବଦଳରେ ତାଙ୍କୁ ଟିକେଟ୍ ମିଳିଥିଲା। ଏବେ ତାପସଙ୍କ ପତ୍ନୀ ନିର୍ମଳା ବେହେରା ବ୍ଲକ ଅଧ୍ୟକ୍ଷା ଥିବାବେଳେ ସୁରମାଙ୍କ ସହ ଅନେକ ସମୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟିହେଉଛି ।

ନୟାଗଡ଼ ବିଧାନସଭା ନିର୍ବାଚନରେ ଗତଥର କଡ଼ା ଲଢ଼େଇ ଦେଖିବାକୁ ମିଳିଥିଲା। ବିଜେପିରୁ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ବିଜେଡ଼ିରୁ ଅରୁଣ ସାହୁ ମୁହାଁମୁହିଁ ହୋଇଥିଲେ । ତେବେ ଶେଷରେ ଅରୁଣ ପ୍ରାୟ ୫ ଶହ ଭୋଟରେ ବାଜିମାତ୍ କରିଥିଲେ। ୨୦୨୯ ପାଇଁ ପ୍ରତ୍ୟୁଷା ଅଙ୍କ କଷୁଥିବାବେଳେ ସନ୍ତୋଷ ପ୍ରଧାନ ତାଙ୍କୁ ଜୋରଦାର ବିରୋଧ କରୁଥିବା ଦେଖିବାକୁ ମିଳୁଛି। ଏମିତିକି ସଭା ସମିତିରେ ସେ ପ୍ରତ୍ୟୁଷାଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ନୟାଗଡ଼ର ୪ ବିଧାନସଭା ଆସନରେ ଏବେ ବିଜେପି ଓ ବିଜେପି ମଧ୍ୟରେ ଲଢ଼େଇ ଚାଲିଥିବାବେଳେ ବିଜେଡ଼ି ଦୂରରେ ରହି ମଜା ଦେଖୁଛି ।

# ମିଳନଙ୍କୁ ହଟାଇବାକୁ 'ତନୟା' ଗୋଟି ଚଳାଇଥିଲେ ସୌମ୍ୟ





ଏଇ ନିକଟରେ ସମ୍ବାଦର ସମ୍ପାଦିକା ତନୟା ପଟ୍ଟନାୟକ ତାଙ୍କର ଲୋକପ୍ରିୟ ସ୍ତମ୍ଭ 'ପ୍ରଥମ ସ୍ତମ୍ଭ'ରେ ନିଜ ଅଜା ବା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଛନ୍ତି । ନିଜ ଆଲେଖ୍ୟରେ ସେ ଦୁଇଟି ପ୍ରସଙ୍ଗର ଅବତାରଣା କରିଛନ୍ତି । ଯେଉଁ ଦୁଇ ପ୍ରସଙ୍ଗରେ ତଥ୍ୟଗତ ବିସଂଗତି ରହିଛି । ଆମ କହିବାର ମାନେ ହେଉଛି, ଦୁଇଟି ପ୍ରସଙ୍ଗରେ ସେ ଅନେକ କିଛି ଲୁଚାଇଛନ୍ତି ବା ରାଜନୀତିର ଗହନ କଥା ଜାଣିନାହାନ୍ତି ।

ପ୍ରଥମଟି ହେଉଛି, ତନୟାଙ୍କ ମତରେ ସୌମ୍ୟଙ୍କ ସଂକଳ୍ପ ଯାତ୍ରା କଂଗ୍ରେସକୁ ମଜବୁତ୍ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସେ ବିଶାଳ ସମାବେଶ କରୁଥିଲେ । ଯାହାକୁ କଂଗ୍ରେସର ଉଚ୍ଚପଦସ୍ଥ ନେତାମାନେ ହଜମ କରିନପାରି ପୁରସ୍କାର ଭାବେ 'ବହିଷ୍କାର' କରିଦେଲେ ।

ହେଲେ ବାସ୍ତବତା କ'ଣ ? ୨୦୧୩ ମସିହା ଅକ୍ଷୟତୃତୀୟା ଦିନ ନିରଞ୍ଜନ ପଟ୍ଟନାୟକ ବାବୁ ଅକ୍ଷି ଅନୁକୂଳ କରି ଫେରିବା ବେଳକୁ ତାଙ୍କ ପିସିସି ସଭାପତି ଚଉକି ପଦ ପଳାଇଥିଲା । ତାଙ୍କ ସ୍ଥାନରେ ଏଆଇସିସି ହାଇକମାଣ୍ଡ ଜୟଦେବ ଜେନାଙ୍କୁ ପିସିସି ସଭାପତି ଭାବେ ନିଯୁକ୍ତି ଦେଇଥିଲେ । ଏହା ପରଠାରୁ ଏଆଇସିସି ଓ ପିସିସି ଉପରେ ବର୍ଷିବା ଆରମ୍ଭ କରିଥିଲେ ସୌମ୍ୟ । ସେହିବର୍ଷ ଜୁଲାଇ ୧୫ରେ ସୌମ୍ୟବାବୁ ସଂକଳ୍ପ ଯାତ୍ରାର ଶୁଭାରମ୍ଭ କଲେ । ସାଧାରଣତଃ କୌଣସି ପ୍ରକାର ରାଜ୍ୟସ୍ତରୀୟ ଅଭିଯାନ ପାଇଁ ପିସିସି ବା ଏଆଇସିସିର ସମ୍ମତି ନେବାର ଆବଶ୍ୟକତା ରହିଛି । ନିଜ ନିର୍ବାଚନମଣ୍ଡଳୀରେ ସଂକଳ୍ପ ଯାତ୍ରା କରିଥିଲେ କାହାର କିଛି କହିବାର ନାହିଁ । ହେଲେ ସାରା ଓଡ଼ିଶା ବୁଲିବା ଲକ୍ଷ୍ୟରେ ସୌମ୍ୟବାବୁ ଏଭଳି ଅଭିଯାନ କରିଥିବାରୁ ପିସିସି ପକ୍ଷରୁ ୨୦୧୩ ଅଗଷ୍ଟ ୧୨ରେ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ଏମିତିବି ଜୟଦେବ ଜେନା, ଶ୍ରୀକାନ୍ତ ଜେନାଙ୍କ ଭଳି ନେତାମାନେ ସବୁବେଳେ ପଟ୍ଟନାୟକ ପରିବାରକୁ ବିରୋଧ କରି ଆସୁଥିଲେ । ତେଣୁ ସୌମ୍ୟଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ସେମାନେ ମଉକା ଖୋଜୁଥିବାବେଳେ ସୌମ୍ୟବି ସୁଯୋଗ ଦେଲେ । ଅବଶ୍ୟ ସେ ଜାଣିସାରିଥିଲେ କଂଗ୍ରେସରେ ତାଙ୍କୁ ଆଉ କିଛି ମିଳିବାର ନାହିଁ । ଏଠାରେ ସୂଚାଇ ଦିଆଯାଇପାରେଯେ, ସେତେବେଳେ ନିରଞ୍ଜନଙ୍କ ବଦଳରେ ସୌମ୍ୟରଞ୍ଜନ ହିଁ ପିସିସି ସଭାପତି ହେବାକୁ ଚାହୁଁଥିଲେ । କିନ୍ତୁ ତାହା ସମ୍ଭବପର ହୋଇନଥିଲା । ଅତଏବ ସୌମ୍ୟ ନିଜର ବ୍ରାଣ୍ଡ ପ୍ରତିଷ୍ଠା ପାଇଁ ସଂକଳ୍ପ ଯାତ୍ରା ଆରମ୍ଭ କରିଥିଲେ, କଂଗ୍ରେସକୁ ମଜବୁତ କରିବା ପାଇଁ ନୁହେଁ । ତାହା ଏକ ଦଳବିରୋଧୀ କାର୍ଯ୍ୟ ହୋଇଥିବାରୁ ନିରଞ୍ଜନ ବାବୁ ବି ସେଥିରେ ସାମିଲ୍ ହୋଇନଥିଲେ । କଂଗ୍ରେସର ବହୁ ବରିଷ୍ଠ ନେତା ନିଜକୁ ଦୂରେଇ ରଖିବାରୁ ସୌମ୍ୟଙ୍କ ଯୋଜନା ଫଳବତୀ ହୋଇପାରିନଥିଲା ।

ନିରଞ୍ଜନ ବାବୁ କଂଗ୍ରେସରେ ପତିଆରା ଜାହିର କରୁଥିବା ସମୟରେ ତନୟାଙ୍କୁ ଛାତ୍ର କଂଗ୍ରେସ ସଭାପତି କରିବା ପାଇଁ ଚାହିଁଥିଲେ ସୌମ୍ୟରଞ୍ଜନ । କଂଗ୍ରେସ ଅଳିନ୍ଦରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହାର କାରଣ ହେଉଛନ୍ତି ମିଳନ ପଟ୍ଟନାୟକ । ଲୁଲୁ ମହାପାତ୍ରଙ୍କ ଆଶୀର୍ବାଦରେ ମିଳନ ଛାତ୍ର କଂଗ୍ରେସରେ ଦବଦବା ଜାହିର କରୁଥିଲେ । ମିଳନଙ୍କ ବାପା ଓ ମା' ଉଭୟ ବେଗୁନିଆ ରାଜନୀତି ସହ ଜଡ଼ିତ ଥିଲେ । ଏମିତିବି ଖୋର୍ଦ୍ଧା ଜିଲ୍ଲାରେ ବେଗୁନିଆରେ ହିଁ କଂଗ୍ରେସର ଭଲ ଭୋଟ୍ ରହିଥିଲା । ଯଦି ମିଳନ ଛାତ୍ର ସଭାପତି ହୁଅନ୍ତି ତେବେ ସେ ବେଗୁନିଆ ଟିକେଟ୍ ଚାହିଁବେ ବୋଲି ସୌମ୍ୟବାବୁଙ୍କର ଡର ଥିଲା । କଂଗ୍ରେସରେ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର ନେତାମାନଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ୍ କୋଟା ବି ରହିଛି । ଯେଉଁଥିପାଇଁ ତନୟାଙ୍କୁ ଛାତ୍ର କଂଗ୍ରେସ ସଭାନେତ୍ରୀ କରିବାକୁ ଲୁଲୁ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ ସୌମ୍ୟରଞ୍ଜନ ପଟ୍ଟନାୟକ । ହେଲେ ଲୁଲୁ ତାଙ୍କ କଥା ଶୁଣିନଥିଲେ । ଶେଷରେ ଜାନକୀବାବୁଙ୍କ ପାଖରେ କଥା ପହଁଚିଥିଲା । ଲୁଲୁଙ୍କୁ ଜାନକୀ କହିଥିଲେ, ଯଦି ମିଳନକୁ ସଭାପତି କରିବୁ ତାହେଲେ ତାକୁ ରଣପୁର ପଠାଇବୁ । ବେଗୁନିଆ କଥା ଯେମିତି ଉଠିବ ନାହିଁ । ପରେ ମିଳନଙ୍କୁ ମଧ୍ୟ ଲୁଲୁ ଏହି ସର୍ତ୍ତ କଥା ଜଣାଇଲେ । ମିଳନ ବି ଏଥିରେ ରାଜି ହେଲେ । ଶେଷକୁ ସେଇଆ ହିଁ ହେଲା, ମିଳନ ଛାତ୍ର ସଭାପତି ହେଲେ ଆଉ ରଣପୁରରୁ ହିଁ ୨୦୧୪ରେ ଟିକେଟ୍ ପାଇଥିଲେ ।

# କ୍ୟାପଟେନ୍‌ଙ୍କ ହାତରେ ବଡ଼ଚଣା ବିଜେଡ଼ି



ବଡ଼ଚଣାରେ ବିଜେଡ଼ି ସମ୍ଭାଳିବେ କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର । ଅମର ଶତପଥିଙ୍କ ନୀରବତା ପରେ ବିଜେଡ଼ି ସଂଗଠନ ଶିଥିଳ ହୋଇ ଯାଇଥିଲା । ସେପଟେ ବଡ଼ଚଣାର ଗଡ଼ବଡ଼ ସ୍ଥିତି ଦେଖି ଜନ୍ମେଜୟ ଲେଙ୍କା କୁଆଡ଼େ ରାଜନୀତି କରିବେ ନାହିଁ ବୋଲି ଘୋଷଣା କରିସାରିଲେଣି । ଏବେ ରାଜ ନାରାୟଣ ୨୦୨୯ ପାଇଁ ପ୍ରସ୍ତୁତି କରୁଛନ୍ତି । ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପ୍ରଣବ ପ୍ରକାଶ ଦାସ ବି ରାଜଙ୍କୁ ନିଶ୍ଚିତ ଟିକେଟ୍ ଦେବାକୁ ଗ୍ରୀନ୍ ସିଗନାଲ୍ ଦେଇ ସାରିଲେଣି । ବଡ଼ଚଣାରୁ ଜଣେ ଛାତ୍ର ନେତାଙ୍କୁ ଯାଜପୁର ଛାତ୍ର ବିଜେଡ଼ି ସଭାପତି କରିବାକୁ ବି ନିଷ୍ପତ୍ତି ହୋଇସାରିଛି । ଏମିତିବି ବଡ଼ଚଣାରେ ବିଜେପି ଆଗେଇଥିଲେବି ବିଜେଡ଼ି ବି ଏତେ ଦୁର୍ବଳ ନୁହେଁ । ରାଜ ନାରାୟଣଙ୍କ ବାପା ଲୋକପ୍ରିୟ ନେତା ହୋଇଥିବାରୁ ତାଙ୍କ ନାମରେ ବି କିଛି ଭୋଟ୍ ରହିଛି । ତେବେ ଅମର ନାୟକ ବି ଜଣେ ଟାଣୁଆ ନେତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ଆଗାମୀ ଦିନରେ ବଡ଼ଚଣାରେ ଅମର ବନାମ କ୍ୟାପଟେନଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବା ନିଶ୍ଚିତ । ପଞ୍ଚାୟତ ନିର୍ବାଚନରେ ହିଁ ଅସଲ ଶକ୍ତି ଜଣାପଡ଼ିଯିବ ।

# କଳାହାଣ୍ଡି: ସୁଯୋଗ ଅପେକ୍ଷାରେ କଂଗ୍ରେସ






କଳାହାଣ୍ଡିରେ ଏବେ ଗୋଛିକଟା ରାଜନୀତି ଜୋର୍ ଧରିବାରେ ଲାଗିଛି। ଦୁଇ ପ୍ରମୁଖ ଦଳ ବିଜେପି ଓ ବିଜେଡ଼ିରେ ଗୋଛି କଟାକଟି ଚାଲିଥିବାବେଳେ ଫାଇଦା ନେବାକୁ ଅନାଇବସିଛି କଂଗ୍ରେସ।

କଳାହାଣ୍ଡି ଏକଦା କଂଗ୍ରେସର ଗଡ଼ ଥିଲା । ପରେ ପରେ କଂଗ୍ରେସ ନେତାଙ୍କୁ କରାୟତ୍ତ କରି ବିଜେଡ଼ି ବି ବେଶ୍ ମଜବୁତ୍ ହୋଇଗଲା । ଏବେ ଯଦିଓ ବିଜେପି ବେଶୀ ମଜବୁତ୍ ହୋଇନାହିଁ, ଦଳ ସରକାରରେ ଥିବାରୁ ଜିଲ୍ଲାରେ ଦବଦବା ଆରମ୍ଭ କରିଦେଇଛି । କିନ୍ତୁ ତାହା କର୍ମୀ ବା ସମର୍ଥକଙ୍କ ମନରେ ଖୁସି ଭରିପାରିନାହିଁ । କାହିଁକିନା ବିଜେପିରେ ଏବେ ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି । ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ବିଜେପିର ଜଣେ ଟାଣୁଆ ନେତା ହୋଇଥିଲେବି ଗତ ନିର୍ବାଚନରେ ଭକ୍ତ ଚରଣ ଦାସଙ୍କ ପୁଅ ସାଗରଙ୍କ ଠାରୁ ହାରି ଯାଇଥିଲେ । ସେପଟେ ରାଜ ପରିବାର ବି କଳାହାଣ୍ଡି ରାଜନୀତି ନିଜ ହାତମୁଠାରେ ରଖିବାକୁ ଚାହୁଁଛନ୍ତି । ଏମିତିବି ବଲାଙ୍ଗୀର ରାଜ ପରିବାରର କାଟତି ବିଜେପିରେ ଢେର ଅଧିକ ରହିଛି। କନକବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ପତ୍ନୀ ସଂଗୀତା ସିଂହଦେଓ ବି ସାଂସଦ ରହିଛନ୍ତି । ପୂର୍ବତନ ସାଂସଦ ଅର୍କ କେଶରୀ ଦେଓଙ୍କ ପତ୍ନୀ ମାଳବିକା ଦେବୀ ସାଂସଦ ଥିବାବେଳେ ସେ ବି କଳାହାଣ୍ଡି ରାଜନୀତିରେ ଦବଦବା ଜାହିର କରୁଛନ୍ତି। ଅପରପକ୍ଷରେ କଳାହାଣ୍ଡି ଜିଲ୍ଲାରେ ଜଣିଏ ବିଜେପି ବିଧାୟକ ହେଉଛନ୍ତି ସୁଧିର ରଞ୍ଜନ ପାଟ୍ଟଯୋଶୀ । ମନ୍ତ୍ରୀ ଦୌଡ଼ରେ ବି ସେ ରହିଛନ୍ତି। ସେ ବି ଜିଲ୍ଲା ରାଜନୀତିକୁ ଦଖଲ କରିବାକୁ ଚାହୁଁଛନ୍ତି। ଏମିତି ଦେଖିଲେ ବିଜେପିରେ ଏବେ କଳାହାଣ୍ଡିରେ କିଏ ହେବେ ନମ୍ବର ୱାନ୍ ତାହାକୁ ନେଇ ପତିଆରା ରାଜନୀତିର ଶୀତଳ ଯୁଦ୍ଧ ଆରମ୍ଭ ହୋଇଗଲାଣି।

ବିଜେଡ଼ିରେ ବି ଅନୁରୂପ ସ୍ଥିତି । ଏକଦା କଳାହାଣ୍ଡି ବିଜେଡ଼ିରେ ପୁଷ୍ପେନ୍ଦ୍ର ସିଂହଦେଓଙ୍କର ଢେର ପତିଆରା ଥିଲା । ପ୍ୟାରୀମୋହନ ମହାପାତ୍ର ଯେତେବେଳେ ବିଜେଡ଼ି ବୁଝୁଥିଲେ ସେତେବେଳେ ପୁଷ୍ପେନ୍ଦ୍ର କଳାହାଣ୍ଡି ରାଜନୀତିକୁ ନିଜ ହାତମୁଠାରେ ରଖିଥିଲେ। ଏବେ କିନ୍ତୁ ପୁଷ୍ପେନ୍ଦ୍ରଙ୍କୁ ଆଗଭଳି ଗୁରୁତ୍ୱ ମିଳୁନାହିଁ। ପୁଷ୍ପେନ୍ଦ୍ରଙ୍କ ପରେ କଳାହାଣ୍ଡିରେ ଦିବ୍ୟଶଙ୍କର ମିଶ୍ରଙ୍କର କ୍ରେଜ୍ ବଢ଼ିବାରେ ଲାଗିଥିଲା। ବିଜେଡ଼ି ସରକାର ଅମଳରେ ସେ ଢେର ପାୱାରଫୁଲ୍ ଥିଲେ। ହେଲେ ଦିବ୍ୟଙ୍କର ତେଜ ବି କମିଯାଇଛି। କଳାହାଣ୍ଡି ଜିଲ୍ଲା ସଭାପତି ହେବାପରେ ପ୍ରଦୀପ ଦିଶାରୀଙ୍କର କାଟତି ବଢୁଥିବା ଲକ୍ଷ୍ୟ କରାଯାଉଛି। ବିଜେଡ଼ିରେ ବି ଗୋଷ୍ଠୀକନ୍ଦଳ ଓ ଛକାପଞ୍ଝା ଆରମ୍ଭ ହୋଇଯାଇଛି ।

ବିଜେପି ଓ ବିଜେଡ଼ିରେ ଏହି ସ୍ଥିତି କଂଗ୍ରେସ ପାଇଁ ସୁଯୋଗ ସୃଷ୍ଟିକରିଛି। ଭବାନୀପାଟଣା ଏବେ କଂଗ୍ରେସ ଅକ୍ତିଆରରେ ରହିଛି। ଭକ୍ତ ଦାସ ପିସିସି ସଭାପତି ହେବା ପରେ କଂଗ୍ରେସ ପୂର୍ବାପେକ୍ଷା ମଜବୁତ୍ ହୋଇଛି । ଭୂପିନ୍ଦର ସିଂ ମଧ୍ୟ ବିଜେଡ଼ି ଉପରେ ଖପ୍ପା ଥିବାରୁ ଯେକୌଣସି ମୁହୂର୍ତ୍ତରେ କଂଗ୍ରେସରେ ଯୋଗଦେଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଭକ୍ତ ବି ପୁରୁଣା ନେତାମାନଙ୍କ ସହ ଯୋଗସୂତ୍ରରେ ରହିଛନ୍ତି । ତେବେ କାହାର କେତେ ଦମ୍, ପଞ୍ଚାୟତ ନିର୍ବାଚନ ହିଁ ତାହାର ଉତ୍ତର ଦେବ ।

# ମୋକିମ୍‌ଙ୍କ ସାଙ୍ଗରେ କିଏ ?



ବିଉଶାଳୀ ନେତା ମହମ୍ମଦ ମୋକିମ୍ ଏବେ କଂଗ୍ରେସ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି। ଅବଶ୍ୟ ଅତୀତରେ ବି ସେ ଦଳର କିଛି ନେତାଙ୍କ ସହ ଲଢ଼ି ସାରିଛନ୍ତି। ଏତେ ଲଢ଼ିବା ପରେ କଂଗ୍ରେସ ତାଙ୍କୁ କିଛି ବି ଦେଲାନାହିଁ । ଦେବା କଥା ଦୂରେ ଥାଉ, ତାଙ୍କୁ ରାହୁଲ ଗାନ୍ଧୀ ବି ଭେଟିବାକୁ ମନା କରିଦେଲେ। ଯେତେବେଳେ ରାହୁଲଙ୍କର ଶୁଭଦୃଷ୍ଟି ନାହିଁ, ସେତେବେଳେ କଂଗ୍ରେସରେ ଉଧେଇବା କଥା ଭାବିବା ବୋକାମୀ ହେବ।

ଏସବୁକୁ ଦେଖିବା ପରେ 'ଢେଙ୍କାନାଳ, ନିଜ କଥା ନିଜେ ସମ୍ଭାଳ' ନ୍ୟାୟରେ ମୋକିମ୍ ବାବୁ ଭବିଷ୍ୟତ ଅଙ୍କ କଷିବା ଆରମ୍ଭ କରିଛନ୍ତି। ପୂର୍ବରୁ ସେ ବିଜେଡ଼ି ମୁହାଁ ହୋଇଥିଲେବି ସ୍କୋପ୍ ମିଳିନଥିଲା । ଆଉ ଏବେ ବିଜେଡ଼ିକୁ ଗଲେ କିଛି ଲାଭ ନାହିଁ। ସେପଟେ ବିଜେପିର ବିଚାରଧାରା ସହ ଖାପଖୁଆଇ ଚଳିପାରିବେନି। ତେଣୁ ବିଜେପି ଓ ବିଜେଡ଼ି ବଦଳରେ ସେ ବିକଳ୍ପ ଭାବେ ନୂଆ ରାଜନୀତିକ ଦଳ ଗଢ଼ିବାକୁ ଯୋଜନା କରିଛନ୍ତି। ଶୁଣିବାକୁ ମିଳୁଛି ଜାନୁଆରୀ ୧୨ରେ ସେ ଏକ ଯୁବ ସମାବେଶ କରିବା ସହ ନୂଆ ଦଳ ସମ୍ପର୍କରେ ଘୋଷଣା କରିବେ। ତେବେ ମୋକିମ ବାବୁଙ୍କ ସହ କେଉଁ ନେତା ଯିବେ, ସେନେଇ କିନ୍ତୁ କିଛି ବି ସୂଚନା ମିଳୁନାହିଁ । ଅବଶ୍ୟ ନୂଆ ଦଳ ଗଢ଼ିବାର ଏହା ଏକ ସମୟ ହୋଇନଥିବାରୁ କିଛି ନେତା ନୀରବ ରହିବାକୁ ଉଚିତ୍ ମନେ କରିଛନ୍ତି। ମୋକିମଙ୍କ ଦକ୍ଷତା ଉପରେ ଭରସା ନଥିବା, ଆଉ ଏକ କାରଣ ବୋଲି ଚର୍ଚ୍ଚା ହେଉଛି। ଦେଖାଯାଉ, ମୋକିମ୍ ସହ କିଏ ଓପନଲି ଆସୁଛି ଆଉ କିଏ ଭିତିରିଆ ରହୁଛନ୍ତି। ରାଜନୀତିରେ ଯେତେ ଲୁଚେଇଲେ ବି କିଛି ଲୁଚିରହେନା। ସବୁର ଗୁମର ଫିଟିବା ଥୟ ।

# ସନାତନ ଏବେ ମୋହନଙ୍କ ଫ୍ୟାନ୍



ଦିନେ ଅକଳରେ ପଡ଼ି କେନ୍ଦୁଝରର ବିତ୍ତଶାଳୀ ନେତା ସନାତନ ମହାକୁଡ଼ 'ହେ, ନବୀନ ବାବୁ ଆମେ ତମେ ଫ୍ୟାନ ଗୀତରେ ନାଚୁଥିଲେ'। ହେଲେ ଏବେ ତ ନବୀନ ବାବୁଙ୍କର ଆଉ ପାୱାର ନାହିଁ। କେନ୍ଦୁଝରରେ ଏବେ ମୋହନଙ୍କ ରାଜ୍ ଆରମ୍ଭ ହୋଇଯାଇଛି। ରାଜା ଚକ୍ରଙ୍କ ଉପରେ ଛାଟ ବାଜିବା ପରେ ଅନେକ ଖଣି ମାଫିଆ ପୂରା ସାଇଜ୍ ହୋଇଯାଇଛନ୍ତି।

ସନାତନ ହେଉଛନ୍ତି ଖଣି ଓ ପରିବହନ ବ୍ୟବସାୟୀ। ସେଥିରୁ ସେ ମାସକୁ କୋଟି କୋଟି ଟଙ୍କା ଆୟ କରନ୍ତି । ଅତୀତରେ ସେ ଖାଣ୍ଟି କଂଗ୍ରେସିଆ ଥିଲେ । କେନ୍ଦୁଝରର ଅନେକ ନେତାଙ୍କର ସେ ହେଉଛନ୍ତି ଫାଇନାନ୍ସର । ଘସିପୁରା, ଆନନ୍ଦପୁର, ଚମ୍ପୁଆ ଠାରୁ ନେଇ କେନ୍ଦୁଝର ସଦର ପର୍ଯ୍ୟନ୍ତ ସବୁଠି ସନାଙ୍କର ଛୋଟ ବଡ଼ ସେନା ଅଛନ୍ତି । ସବୁ ନିର୍ବାଚନମଣ୍ଡଳୀରେ ତାଙ୍କର ପାଞ୍ଚ ଦଶ ହଜାର ଭୋଟ୍ ବି ରହିଛି । ଏମିତିକି ମଝିରେ ସେ ଜନ ସମୃଦ୍ଧି ପାର୍ଟି ଗଢ଼ି ବିଜେଡ଼ି ପାଇଁ ଆହ୍ୱାନ ସୃଷ୍ଟି କରିଥିଲେ। ତେଣୁ ନବୀନ ବାବୁଙ୍କ ନିର୍ଦ୍ଦେଶରେ ବିଜେଡ଼ିର ଗୋଟିଏ କୋଟେରୀ ସନାଙ୍କ ପଛରେ ପଡ଼ି ଯାଇଥିଲେ । ତାଙ୍କ ଘର ଉପରେ ଘନଘନ ଚଢ଼ାଉ କରିବା ସହ ବ୍ୟବସାୟିକ କ୍ଷତି ଘଟାଇଥିଲେ। ଶେଷରେ ସନା ବାଟନପାଇ ବିଜେଡ଼ିକୁ ଆସିଥିଲେ। ୨୦୧୯ରେ ବିଜେଡ଼ି ତାଙ୍କୁ ଟିକେଟ ଦେଇନଥିଲେ ବି ସନାଙ୍କର ଦୁଇ ଅନୁଗତଙ୍କୁ ସାଂସଦ ଓ ବିଧାୟକ ଟିକେଟ୍ ଦେଇଥିଲା । ୨୦୨୪ରେ ସନାତନ ବିଜେଡ଼ି ଟିକେଟରେ ଚମ୍ପୁଆରୁ ଜିତିଥିଲେ। ହେଲେ ସରକାର ବଦଳି ଯାଇଥିଲା। ପୁଣି କେନ୍ଦୁଝରର ନେତା ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏସବୁ ଦେଖିବା ପରେ ସନା ବି ରଣନୀତି ବଦଳାଇ ଦେଇଛନ୍ତି। ବିଜେଡ଼ି ଉପରେ ଥିବା ପୁରୁଣା ରାଗ ଶୁଝାଇବାରେ ଲାଗିଛନ୍ତି। ବିଜେଡ଼ିର ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଉ ସନାଙ୍କୁ ଦେଖିବାକୁ ମିଳୁନାହିଁ। ବରଂ ସେ ନବୀନ ବାବୁଙ୍କ ବଦଳରେ ମୋହନ ବାବୁଙ୍କ ଫ୍ୟାନ୍ ପାଲଟି ଯାଇଛନ୍ତି ।





ମୋହନ ମାଝୀଙ୍କର ଜନ୍ମଦିନରେ ସେ ଗଣମାଧ୍ୟମରେ ଅଭିନନ୍ଦନ ବାର୍ତ୍ତା ଦେବା ସହ ସମର୍ଥକମାନଙ୍କ ଜରିଆରେ ହୋର୍ଡ଼ିଂ ବି ଲଗାଇଥିଲେ। ଏମିତିବି କେନ୍ଦୁଝର ରାଜନୀତି ଏବେ କଡ଼ ଲେଉଟାଇଛି। ବଦ୍ରି ପାତ୍ରଙ୍କ ଭଳି ଟାଣୁଆ ନେତା ଏବେ ବିଜେଡ଼ିର କୋଟରୀ ଉପରେ ଜୋରଦାର ଆକ୍ରମଣ କରୁଥିବାବେଳେ ମୋହନଙ୍କ ପ୍ରଶସ୍ତି ଗାନରେ ପଛାଉନାହାନ୍ତି। ଗାଏମୋଟ୍ ଦେଖିଲେ କେନ୍ଦୁଝର ପ୍ରଥମ ମୁଖ୍ୟମନ୍ତ୍ରୀ ପାଇଥିବାରୁ ଦଳ ମତ ନିର୍ବିଶେଷରେ ସମସ୍ତେ ମୋହନଙ୍କ ପଛରେ ଠିଆ ହୋଇଛନ୍ତି ।

# ମାଡ଼ି ଚାଲିଛନ୍ତି ଟଙ୍କଧର



ଝାରସୁଗୁଡ଼ାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କର କାଟ୍‌ତି ଦିନକୁ ଦିନ ବଢ଼ିବାରେ ଲାଗିଛି। ସେପଟେ ସାଂଗଠନିକ ଦୃଷ୍ଟିରୁ ଅନଭିଜ୍ଞ ଦୀପାଳି ବିଜେଡ଼ି ସଂଗଠନକୁ ସଜାଡ଼ିବାରେ ବିଫଳ ହୋଇଛନ୍ତି। ନବ ଦାସଙ୍କ ନାଁରେ ଥିବା ଭୋଟ୍ ବି ବିଭାଜିତ ହେବାରେ ଲାଗିଛି। ଝାରସୁଗୁଡ଼ା ଜିଲ୍ଲାର ଦୁଇ ଆସନ ବିଜେପି ହାତକୁ ଯିବା ପରେ ବିଜେଡ଼ି କର୍ମୀମାନେ ବି ସ୍ୱାଭାବିକ ଭାବେ ବିଜେପି ମୁହାଁ ହେଉଥିବା ଲକ୍ଷ୍ୟ କରାଯାଉଛି । ଆଉ ସବୁଠାରୁ ବଡ଼ କଥା ହେଉଛି, ଟଙ୍କଧରଙ୍କ ମୁଣ୍ଡ ଉପରେ ରହିଛି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହାତ । ପୂର୍ବରୁ ରାଜ୍ୟ ଯୁବମୋର୍ଚ୍ଚାର ମଙ୍ଗ ବି ଧରିଥିଲେ । ସାଙ୍ଗଠନିକ କୌଶଳ ଓ ରଣନୀତିରେ ବି ସେ ମାହିର । ବିଧାନସଭାରେ ବି ତାଙ୍କର ପ୍ରଦର୍ଶନ ବହୁତ ବଢ଼ିଆ । ପୂର୍ବରୁ ଝାରସୁଗୁଡ଼ାର ଯେଉଁ କେତେକ ବିଜେପି ନେତାମାନେ ଟଙ୍କଧରଙ୍କୁ ବିରୋଧ କରୁଥିଲେ ସେମାନେ ବି କାଲୁଆ ପଡ଼ିଗଲେଣି। ଅନେକ ଟଙ୍କଧରଙ୍କୁ ନେତା ବୋଲି ଗ୍ରହଣ କରିବା ସହ ତାଙ୍କ ହାତକୁ ମଜବୁତ କରିବାକୁ ମିଳିମିଶି କାମ କରୁଥିବା ଦେଖିବାକୁ ମିଳୁଛି । ଖାଲି ସେତିକିନୁହେଁ ଝାରସୁଗୁଡ଼ାରେ ଅତୀତରେ ଯେଭଳି ନବ ଦାସ ବନାମ କିଶୋର ମହାନ୍ତି ଲଢ଼େଇ ଚାଲିଥିଲା ଏବେ ସେମିତି ଦୀପାଳି ଦାସ ଓ ଅଲକା ମହାନ୍ତିଙ୍କ ଗୋଷ୍ଠୀ ଭିତରେ ବି ଶୀତଳଯୁଦ୍ଧ ଲାଗିରହିଛି। ବିଶେଷକରି ଝାରସୁଗୁଡ଼ାରେ ଉଭୟ ଗୋଷ୍ଠୀର କଳି ଟଙ୍କଧରଙ୍କୁ ଆହୁରି ମଜବୁତ୍ କରିଛି । ଅବଶ୍ୟ ଉଭୟ ଗୋଷ୍ଠୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଏବେଠୁ ଗୋଟିଚାଳନା କରୁଛନ୍ତି। ଟଙ୍କଧର-ଦୀପାଳିଙ୍କ ପାଇଁ ଏହା ଅସଲ ପରୀକ୍ଷା ବୋଲି କହିଲେ ଭୁଲ୍ ହେବନାହିଁ ।




## ଚୋପାଛଡ଼ା ଚର୍ଚ୍ଚା

# ନୂଆ ଦଳକୁ ଟଙ୍କା କାଳ

ମଇଦାନ ପ୍ରସ୍ତୁତ ହେଲେ ମଙ୍ଗ ଧରିବ କିଏ ? ଭିତରେ ଭିତରେ ଚାଲିଛି ଗୁପ୍ତ ଆଲୋଚନା ଆଉ କବାଟ କିଳା ବୈଠକ। ସରକାରୀ ଦଳ ବି ସହାୟତା ଦେବାକୁ ରାଜି। କଂଗ୍ରେସର ଫଣାକୁ ଛିନଛତର କରିବାକୁ କୁଆଡେ ମୋକିମଙ୍କୁ ବିଜେପି ଦେଇଛି ଦାୟିତ୍ୱ। ମୋକିମ ବାବୁ ବି ଗୋଟେ ମାଡ଼ରେ ଦୁଇଟା ଶିକାର କରିବାକୁ ଅଣ୍ଟା ଭିଡିଛନ୍ତି। ଏପଟେ ନିଜ ବେପାର ଆଉ ସେପଟେ ବିଜେପି ସହ ରହିଲେ ସୁପ୍ରିମ କୋର୍ଟଙ୍କ ଆଦେଶ ବଦଳିବାକୁ ବେଶୀ ସମୟ ଲାଗିବନି। ବେଶୀ ନାହିଁ ନୂଆ ଦଳ କରି ୩୫ ବିଧାନସଭା ଆସନରେ କଂଗ୍ରେସକୁ ଭାଗ କରିଦେବାକୁ ଚୁକ୍ତି ହେଇଛି। ଆଉ ଏଥିପାଇଁ କୁଆଡେ ଦେଢ଼ ଶହ କୋଟିର ବଜେଟ ପ୍ରସ୍ତୁତ ହୋଇଛି ବୋଲି ଖଟିରେ ଆଜି କଥା ଉଠିଥିଲା ।ହଁ ନୂଆ ଦଳର ନାଆଁ କଂଗ୍ରେସ ସହ ଖାପ ଖାଇବା ଦରକାର। ଯେମିତି ପଶ୍ଚିମବଙ୍ଗରେ ଦିଦି ତୃଣମୂଳ କଂଗ୍ରେସ କରି ମୂଳ କଂଗ୍ରେସକୁ ବିସର୍ଜନ କରିଦେଲେ ସେମିତି ଓଡ଼ିଶା ଲୋକ କଂଗ୍ରେସ କି ଜନ କଂଗ୍ରେସ କରାଯିବ ବୋଲି ଯୋଜନା ହୋଇଛି। ବିଜେଡି ଆଣ୍ଠେଇବା ପରେ ତାଙ୍କ ଦଳର ଅସନ୍ତୁଷ୍ଟ, କିଛି ଥଳକୁଳ ପାଉନଥିବା ବରିଷ୍ଠ ନେତା ଆଉ କଂଗ୍ରେସର ଭକ୍ତ ବିରୋଧୀଙ୍କୁ ନେଇ ଜୋରଦାର ବୈଠକ ଆଲୋଚନା ହେଉଥିବା ଚର୍ଚ୍ଚା ହେଲାଣି। ଏ ବାବଦରେ ଜଣେ ବରିଷ୍ଠ ନେତାଙ୍କୁ ପଚାରିବାରୁ ସିଏ ମୁହଁକୁ ଆମ୍ବିଳା କରି କହିଲେ ହଇରେ ବାବୁ ବୈଠକ ହେଉଛି, ରଣନୀତି ପ୍ରସ୍ତୁତ ହେଉଛି କିନ୍ତୁ ଏ ମହରଗିଆ ନିର୍ବାଚନ ଯୁଗରେ ନୂଆ ଦଳ ପାଇଁ ଟଙ୍କା କିଏ ଖର୍ଚ୍ଚ କରିବ କେହି କହୁନାହାନ୍ତି । ଏ କଥା ଶୁଣି ଆମ ମୁଣ୍ଡ ପୁରା ଗୋଲ । ତେଣୁ ପରେ ଆସୁଛି କହି ଉଠି ଆସିଲୁ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor
BALARAM RANASINGH